# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


- ୧୧୫ ଆସନରେ ଜିତିଥିଲା ବିଜେପି
- ବବି-ପାଣ୍ଡିଆନ 'ଛାୟା ଯୁଦ୍ଧ'
- କଟକ ରାଜନୀତିରେ ହଟଚମଟ
- ଫୋକସ୍‌ରେ ସଂଗଠନ ନା ଠନ୍‌ଠନ୍
- 'ପଞ୍ଜୁରୀ ଶୁଆ' ଏବେ 'ଲଣ୍ଡ୍ରି ବ୍ୟାଗ୍'
- 'ଦେବଦୁର୍ଲଭ' ବନାମ 'ଦେବଦୁର୍ଲଭ ପ୍ରୋ'

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-8 12 JANUARY-18 JANUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୮ ୧୨ ଜାନୁଆରୀ-୧୮ ଜାନୁଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





ଗର୍ବିତ ଓଡ଼ିଆ




# ଇନ୍ଦିରା ଆବାସରେ ବି ଫାଇନ୍

ପ୍ରଭୁ ରାମଚନ୍ଦ୍ର ଯାଉଥିବାବେଳେ ଗୋଟିଏ ବେଙ୍ଗ ଉପରେ ତାଙ୍କର ପାଦ ପଡ଼ିଗଲା। ପ୍ରଭୁ ବେଙ୍ଗକୁ ଉଠାଇ ହାତରେ ସାଉଁଳାଇ ଦେଇ କହିଲେ, ଆରେ ତୋତେ କ'ଣ କଷ୍ଟ ହେଉନି। କାଇଁ ତୁ ତ କିଛି କହୁନୁ। ବେଙ୍ଗ କହିଲା ପ୍ରଭୁ, ଆମକୁ କଷ୍ଟ ହେଲେ ଆମେ ଭଗବାନଙ୍କୁ ଡାକୁ। ହେଲେ ଭଗବାନ ଯଦି କଷ୍ଟ ଦେବେ, କାହାକୁ କହିବି।

ଏକଥା କହିବାର ମାନେ ହେଲା, ଲୋକଙ୍କୁ କଷ୍ଟ ହେଲେ, ସମସ୍ୟାରେ ପଡ଼ିଲେ ସେମାନେ ସରକାରଙ୍କ ପାଖକୁ ଯାଆନ୍ତି। ହେଲେ ସରକାର ଯଦି କଷ୍ଟ ବା ସମସ୍ୟାର କାରଣ ପାଲଟିନ୍ତି ସେ ଲୋକ କାହାପାଖକୁ ଯିବ ? ଇଭିଏମକୁ ଅପେକ୍ଷା କରିବା ଛଡ଼ା ତା'ପାଖରେ ଆଉ ଚାରା କ'ଣ ?


ସ୍ୱତନ୍ତ୍ର ପ୍ରମାଣପତ୍ର ଅଧିକାରୀଙ୍କ ଅଦାଲତ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

ନୋଟିସ୍

Padma Dei

Khordha

ସରକାରୀ ପାଉଣା ବାବଦ ଧାର୍ଯ୍ୟ ଦାବୀ

ମୂଳଟଙ୍କା 5000.00/-

ସୁଧ ଟଙ୍କା 5938.00/-

ମୋଟ ଦେୟ - 11338.00/-

ସ୍ୱତନ୍ତ୍ର ପ୍ରମାଣପତ୍ର ଅଧିକାରୀ ଖୋର୍ଦ୍ଧା

Special Certificate Officer
Sub Collector Office
Khordha

ଗୋଟିଏ ଛୋଟ ପ୍ରାମାଣିକ ଉଦାହରଣଟେ ଦେଲେ ପାଠକମାନେ ଆମ କହିବାର ମାନେ ବୁଝିଯିବେ। ପଦ୍ମା ଦେଇ ନାମକ ଜଣେ ମହିଳାଙ୍କ ପାଖକୁ ଖୋର୍ଦ୍ଧା ଉପଜିଲ୍ଲାପାଳ ଏକ ନୋଟିସ୍ ପଠାଇଛନ୍ତି। ସେ ମହିଳା ଜଣଙ୍କ ନାମରେ ପୂର୍ବରୁ ଗୋଟେ ଇନ୍ଦିରା ଆବାସ ମିଳିଥିଲା। ହେଲେ ସେ ଇନ୍ଦିରା ଆବାସ ପୂର୍ଣ୍ଣାଙ୍ଗ କରିପାରିନାହାନ୍ତି । ଏବେବି ସେମିତି ଝାଟିମାଟି କି ଚାଳଛପର ଘରେ ରହୁଥିବେ ନିଶ୍ଚିତ। ତାଙ୍କୁ ସେତେବେଳେ କିସ୍ତି ବାବଦରେ ୫ ହଜାର ଟଙ୍କା ମିଳିଥିଲା। ଏବେ ସରକାର ସେଇ ଟଙ୍କା ଫେରାଇ ନେବାକୁ ପଦ୍ମା ଦେଇଙ୍କୁ ନୋଟିସ୍ କରିଛନ୍ତି । ଯେଉଁଥିରେ ଉଲ୍ଲେଖ ରହିଛି, ମୂଳ ଟଙ୍କା ୫ ହଜାର ଟଙ୍କା, ସୁଧ ଟଙ୍କା ୫୯୩୮ ଟଙ୍କା, ମକଦ୍ଦମା ଖର୍ଚ୍ଚ ୨୦୦ ଟଙ୍କା ଓ ପ୍ରୋସେସ୍ ଖର୍ଚ୍ଚ ୨ ଶହ ଟଙ୍କା। ମୋଟ୍ ଉପରେ ୧୧୩୩୮ ଟଙ୍କା। ଅର୍ଥାତ୍ ୫ ହଜାର ଟଙ୍କା ଇନ୍ଦିରା ଆବାସ କିସ୍ତି ବାବଦରେ ନେଇଥିବା ମହିଳା ଜଣଙ୍କ ଏବେ ସରକାରଙ୍କୁ ସୁଧ ମୂଳ ହିସାବରେ ୧୧୩୩୮ ଟଙ୍କା ଗଣିବେ।

ହେଲେ ଉପ ଜିଲ୍ଲାପାଳ ମହୋଦୟ ଏହି ନୋଟିସଟି ଜାରି କରିବା ପୂର୍ବରୁ କେବେ ଭାବିଛନ୍ତି, ସେ ମହିଳା ଜଣଙ୍କ ଏବେ କେଉଁଠି ରହୁଛନ୍ତି, କେମିତି ରହୁଛନ୍ତି ? ଘର ଖଣ୍ଡେ ପାଇଁ ସରକାର ଟଙ୍କା ଦେବା ପରେ ବି ସେ ଘର ଖଣ୍ଡେ କାହିଁକି କରିପାରିନାହାନ୍ତି। ସେ ଟଙ୍କା ତା ପାଖରୁ ଆଉ ଗାଁ ଟାଉଟର ନେଇଯାଇନାହାନ୍ତି ତ ? ଇନ୍ଦିରା ଆବାସ ପାଇଁ ଗାଁ ଟାଉଟର ଟଙ୍କା ନେବା କିଛି ନୂଆ କଥା ନୁହେଁ। ଯଦି ସେମିତି ହୋଇଥିବ, ବିଚାରୀ ଘର କରିଥା'ନ୍ତା କେମିତି ? ସେହିପରି ସେତେବେଳେ ଯେଉଁ ବ୍ୟବସ୍ଥା ଥିଲା, ସେଥିରେ ଘର କରିବା ତ ମୁସ୍କିଲ ବ୍ୟାପାର। ଏକଥା କ'ଣ ସେ ବାବୁ ବା ସରକାର ଜାଣିପାରୁନାହାନ୍ତି ।

ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଆମେ ଜଣେ ପଦ୍ମା ଦେଇଙ୍କ କଥା ଉଲ୍ଲେଖ କରିଛୁ । ଏମିତି ଅନେକ ପଦ୍ମାଙ୍କ ପାଖକୁ ବି ବାବୁମାନେ ନୋଟିସ୍ ପଠାଇଥିବେ। ସରକାର ଓ ବାବୁଙ୍କର ଏମିତି ଆଚରଣ ସତରେ କ'ଣ ୨୦୩୬ରେ ଆମ ରାଜ୍ୟକୁ ସମୃଦ୍ଧ ଆଉ ୨୦୪୭ରେ ଦେଶକୁ ବିକଶିତ କରି ଗଢ଼ିତୋଳିବ ?

# ବିଧାୟକଙ୍କ ସବୁ ଦରମା ପାର୍ଟିର

ଆଜିକାଲି ବିଧାୟକଙ୍କ ସବୁ ଦରମା ସେମାନଙ୍କ ପକେଟ୍‌କୁ ହିଁ ଯାଉଛି । ଅବଶ୍ୟ ଦଳ ବି ହଜାରେ କି ଲକ୍ଷେ ଟଙ୍କାର ଚାନ୍ଦାରେ ଚାଲୁନି। ବଡ଼ ବଡ଼ କମ୍ପାନୀମାନେ କୋଟିକୋଟି ଟଙ୍କା ଚାନ୍ଦା ଦେଉଛନ୍ତି। ସେହିପରି ଜିତିବା ପାଇଁ ବି ବିଧାୟକଙ୍କୁ କୋଟିକୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। କିନ୍ତୁ ଦିନଥିଲା, ଦଳ ଚଳାଇବା ପାଇଁ ବିଧାୟକମାନଙ୍କୁ ସେମାନଙ୍କ ସବୁ ଦରମା ଦଳକୁ ଦେବାକୁ ପଡୁଥିଲା। ଏବେବି ବାମପନ୍ଥୀ ବିଧାୟକମାନେ ଦରମାର ସିଂହଭାଗ ଦଳକୁ ଦେବାର ନଜିର ରହିଛି।

ଲୋକସଭାର ପୂର୍ବତନ ବାଚସ୍ପତି ତଥା ଦିବଂଗତ ନେତା ରବି ରାୟ ନିଜର ଆତ୍ମଜୀବନୀ 'ଅନ୍ୱେଷାର ଆକାଶ'ରେ ଉଲ୍ଲେଖ କରିଛନ୍ତି, '୧୯୫୨ ମସିହାର କଥା, ସେତେବେଳେ ସାରା ଭାରତରେ ଓଡ଼ିଶା ସମାଜବାଦୀ ଦଳର ସୁନାମ ଥିଲା । ଏହା ଗୋଟିଏ ସୁସଙ୍ଗଠିତ ଦଳଥିଲା । ଛାତ୍ର, ଚାଷୀ, ଶ୍ରମିକଙ୍କୁ ସଙ୍ଗଠିତ କରିବା, କଂଗ୍ରେସ ସରକାରର ଅନ୍ୟାୟ ବିରୋଧରେ ଲଢ଼ିବା ଏସବୁ କାର୍ଯ୍ୟରେ ଓଡ଼ିଶା ସମାଜବାଦୀ ଦଳ ସାରା ଭାରତରେ ଆଗୁଆ ଥିଲା । ୧୯୫୨ରେ ୧୦ ଜଣ ପ୍ରାର୍ଥୀ ସମାଜବାଦୀ ଦଳରୁ ଜିତିଲେ ଓ ବିଧାୟକ ଭାବେ ଓଡ଼ିଶା ବିଧାନସଭାରେ ସାମିଲ ହେଲେ । ସେତେବେଳେ ସମାଜବାଦୀ ଦଳର ନିୟମ ଥିଲାଯେ, ଦଳର ବିଧାୟକମାନେ ଯେଉଁ ଟଙ୍କା ପାଇବେ ସେମାନେ ସବୁତକ ଟଙ୍କା ଦଳର କୋଷାଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବେ। ଏମିତିକି ସେମାନେ ଦଳର କୋଷାଧ୍ୟକ୍ଷଙ୍କୁ ଏକ ପାୱାର ଅଫ ଆଟର୍ଣ୍ଣି ମଧ୍ୟ ଦେଇଥିଲେ। ସେତେବେଳେ ସମାଜବାଦୀ ଦଳର କୋଷାଧ୍ୟକ୍ଷ ଥାଆନ୍ତି ବିଶିଷ୍ଟ ଶ୍ରମିକ ନେତା ରାଜକିଶୋର ସାମନ୍ତରାୟ। ବିଧାୟକମାନେ ତାଙ୍କ ନିକଟରେ ଦରମା ଦାଖଲ କରିବା ପରେ ନିଜର ଓ ନିଜ ଘରର ଚଳିବା ପାଇଁ ଆବଶ୍ୟକତା ଅନୁସାରେ କିଛି ଅର୍ଥ ପାଇଥାନ୍ତି । ସେତେବେଳେ ଏ ନିୟମ ଅତି କଡାକଡି ଭାବେ ପାଳନ ହେଉଥିଲା । ଏବେ ଏସବୁ ଅକଳ୍ପନୀୟ ।'




## ବାବା ଅବ୍‌ଜର୍ଭାନନ୍ଦ

ବିଜେଡି ନେତାଙ୍କ ବ୍ୟାନରରୁ ଏବେ
ହଜୁଛି ଶଙ୍ଖ ଚିହ୍ନ
ନବୀନଙ୍କ ଫଟୋ ଭଲ ଲାଗୁନାହିଁ
ଗତି ହେଲାଣି କି ଭିନ୍ନ ?


ମିଡ଼ିଆ ଡାକିକି ମେଳି କରୁଛନ୍ତି
ଛାଡ଼ି ଯେ ଶଙ୍ଖ ଭବନ
ନିବାସରେ କିଆଁ ନୀରବେ ବସିଛ
ଜବାବ ଦିଅ ନବୀନ ।

ଚବିଶି ବରଷ ପରେ ଏମାନଙ୍କ
ଉଦୟ ହେଲା କି ଜ୍ଞାନ,
ନା ପଦ୍ମୁଅଁ ଦଳକୁ ଡେଇଁବାକୁ ଖାଲି
ମନ ହୁଏ କନକନ ?

ନେତୃତ୍ୱ ବିରୋଧୀ ବାଇଟ ଦେଲେଣି
ଯାହାର ଯାହା ଯେ ମନ,
ସମସ୍ତଙ୍କ ଏବେ ଗୋଟିଏ ଟାର୍ଗେଟ
କାର୍ତ୍ତିକେୟ ପାଣ୍ଡିଆନ।

ଦଳ ଭାଙ୍ଗିଯିବ ବୋଲି ଚାରିଆଡ଼େ
ବହେ ଅଣଚାଶ ପବନ,
ଗଡ଼ କି ରହିବ ଜଣେ ପରେ ଜଣେ
ଅସ୍ତ୍ର ତ୍ୟାଗ କଲେ ଯବାନ ?

ବିଶ୍ୱ ମହାରଣା, ପୁଅ ଧର୍ମପଦ
ପ୍ରେମରେ ଏମିତି ମଗନ,
ମନ୍ଦିର ଭୁଷୁଡୁ, ଗଲେ ଯାଉ ପଛେ
ବାର ଶ' ବଢେଇ ଜୀବନ ।



ଶୀର୍ଷକଟି ଅନେକଙ୍କ ଭ୍ରୂକୁଞ୍ଚନ କରିପାରେ । କିନ୍ତୁ ଚବିଶର ଫଳାଫଳ ଏଇଆ ହିଁ ଥିଲା । ବିଧାନସଭା ନିର୍ବାଚନରେ ସିନା ବିଜେପି ୭୮ରେ ଅଟକି ଯାଇଥିଲା, ହେଲେ ଲୋକସଭା କ୍ଷେତ୍ରରେ ଥିବା ବିଧାନସଭା ଭୋଟ୍‌ରେ ବିଜେପି କିନ୍ତୁ ୧୧୫ ଆସନରେ ବାଜିମାତ୍ କରିଥିଲା । ଯେତେବେଳେକି ବିଜେଡ଼ି ୨୪ ଓ କଂଗ୍ରେସ ୮ ଆସନରେ ଜିତିଥିଲା । ୨୦୧୯ରେ ଅମିତ ଶାହା ମିଶନ ୱାନ୍ ଟ୍ୱେଣ୍ଟିର ନାରା ଦେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସ୍ୱପ୍ନ ପୂରଣ ପାଇଁ ଢେର ପ୍ରୟାସ କରିଥିଲେ । ହେଲେ ୨୦୧୯ରେ ଦଳ ମାତ୍ର ୨୩ ବିଧାନସଭା ଆସନ ପାଇଥିଲା । ସେତେବେଳେ କିନ୍ତୁ ଲୋକସଭା କ୍ଷେତ୍ରରେ ଥିବା ବିଧାନସଭା ଭୋଟ୍‌ରେ ଦଳ ହାଫ ସେଞ୍ଚୁରୀ ମାରିବାରେ ସଫଳ ହୋଇଥିଲା । ଯାହାକୁ ତତ୍କାଳୀନ ଶାସକ ଦଳ ଅଣଦେଖା କରିଥିଲା । ହେଲେ ସମସ୍ତଙ୍କ ଅଲକ୍ଷ୍ୟରେ ମୋଦିଙ୍କ ହାୱା ୨୦୨୪ରେ ବିଜେପିକୁ ସେଞ୍ଚୁରୀ ପାର କରିବାରେ ସଫଳ ହୋଇଥିଲା । ଏନେଇ ଅଖଛିଣ୍ଡାଙ୍କ ଉପସ୍ଥାପନା ...



# ୧୧୫ ଆସନରେ ଜିତିଥିଲା ବିଜେପି

ସାଧାରଣ ନିର୍ବାଚନରେ ଭୋଟରମାନେ ପ୍ରତି ବୁଥରେ ଦୁଇଟି ଇଭିଏମରେ ଭୋଟ୍ ଦିଅନ୍ତି। ଗୋଟିଏ ଲୋକସଭା ପାଇଁ ଓ ଅନ୍ୟଟି ବିଧାନସଭା ପାଇଁ। ବିଧାନସଭାରେ ବିଜେପି ୭୮ ଆସନ ପାଇଥିବାବେଳେ ନୂଆପଡ଼ାକୁ ମିଶାଇଲେ ତାହା ୭୯ ଛୁଇଁଛି । କିନ୍ତୁ ଲୋକସଭା ଇଭିଏମରେ କେଉଁ ନିର୍ବାଚନମଣ୍ଡଳୀରେ ବିଜେପି କେତେ ଆଗେଇଥିଲା ସେନେଇ ସେତେଟା ଅନୁଶୀଳନ ହୋଇନାହିଁ। ନିର୍ବାଚନ ସମୟରେ ରିପୋର୍ଟରମାନେ ସାଂସଦମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଖବରକାଗଜରେ ବିଧାନସଭା ୱାରୀ ରିପୋର୍ଟ ପ୍ରକାଶ କରିଥିଲେ। ଅବଶ୍ୟ ତାହା ଅସମ୍ପୂର୍ଣ୍ଣ ରହିଥିଲା। ୨୧ ଲୋକସଭା ପ୍ରାର୍ଥୀ ନିଜ ନିଜ ସଂସଦୀୟ କ୍ଷେତ୍ରର ୭ ବିଧାନସଭା ନିର୍ବାଚନମଣ୍ଡଳୀରେ କେତେ ଭୋଟ୍ ପାଇଥିଲେ ସେନେଇ ବୋଧହୁଏ ଭଲଭାବେ ଅନୁଶୀଳନ ହୋଇନାହିଁ । ତା'ର କାରଣ ହେଉଛି, ନିର୍ବାଚନ କମିଶନ ଏସଂକ୍ରାନ୍ତୀୟ ରିପୋର୍ଟ ବିଳମ୍ବରେ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ଆମେ ତଥ୍ୟ ଉପସ୍ଥାପିତ କରିଛୁ ।

## ୨୪ ଆସନରେ ଜିତିଥିଲା ବିଜେଡ଼ି

ବିଧାନସଭାରେ ବିଜେଡ଼ି ୫୧ ଆସନ (ନୂଆପଡା ଉପନିର୍ବାଚନ ପରେ ତାହା ୫୦କୁ ଖସିଆସିଛି) ପାଇଥିଲା । ହେଲେ ଲୋକସଭା ଇଭିଏମରେ ଦଳ ୨୪ ଆସନରେ ହିଁ ଜିତି ପାରିଥିଲା । ସେଗୁଡ଼ିକ ହେଉଛି; ବଣାଇ, ଆଠମଲ୍ଲିକ, ଘସିପୁରା, ଚମ୍ପୁଆ, ଭୋଗରାଇ, ବସ୍ତା, ଭଣ୍ଡାରୀପୋଖରୀ, ଚାନ୍ଦବାଲି, ବରି, ଧର୍ମଶାଳା, ତାଳଚେର, ବଲାଙ୍ଗୀର, ଖରିଆର, ଲାଞ୍ଜିଗଡ଼, ବାଲିଗୁଡ଼ା, ଫୁଲବାଣୀ, ବାଙ୍କୀ, ରାଜନଗର, ବାଲିକୁଦା-ଏରସମା, କାକଟପୁର, ଜୟଦେବ, ଜଟଣୀ, ବେଗୁନିଆ ଓ ସାନଖେମୁଣ୍ଡି ।

## ୮ ଆସନରେ ଜିଣିଥିଲା କଂଗ୍ରେସ

କୋରାପୁଟ ଲୋକସଭା ଆସନଟି କଂଗ୍ରେସ ହାତକୁ ଯାଇଥିବାବେଳେ ସେହି ଲୋକସଭା କ୍ଷେତ୍ର ଅନ୍ତର୍ଗତ ବିଧାନସଭା ଆସନରେ ବି ଦଳ ଦମଦାର ପ୍ରଦର୍ଶନ କରିଥିଲା । ଜି ଉଦୟଗିରି ସହ କୋରାପୁଟ ସଂସଦୀୟ କ୍ଷେତ୍ରର ଗୁଣୁପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଓ ପଟାଙ୍ଗୀରେ ବି ଦଳ ବିଜେଡ଼ି ଓ ବିଜେପିକୁ ପଛରେ ପକାଇ ଦେଇଥିଲା ।

ଗର୍ବିତ ଓଡ଼ିଆ




## ବିଜେପିର ୧୧୫ ଆସନ

ମୋରଡ଼ା ଆସନରେ ବିଜେପି ୫୦ ହଜାର ଭୋଟରେ ଆଗୁଆ ରହିଥିଲା । ଯେତେବେଳେକି ଅତାବିରା, ଭଟଲି, ବ୍ରଜରାଜନଗର, ପାଟନା, କରଞ୍ଜିଆ, ଯଶୀପୁର, ବଡ଼ସାହି, ରେମୁଣା, ନୀଳଗିରି, ଭଦ୍ରକ, ଲୋଇସିଂହା, ଧର୍ମଗଡ଼, ମହାକାଳପଡ଼ା ଓ ବ୍ରହ୍ମପୁରରେ ଦଳ ୪୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଆଗେଇ ପାରିଥିଲା ।

ବିଜେପୁର, ବରଗଡ଼, ତଳସରା, ବୀରମିତ୍ରପୁର, କୁଚିଣ୍ଡା, ବାଙ୍ଗିରିପୋଷୀ, ବାରିପଦା, ସିମୁଳିଆ, ପରଜଙ୍ଗ, ଜୁନାଗଡ଼ ଓ ସୋରଡ଼ାରେ ଦଳ ୩୦ ହଜାରରୁ ଅଧିକ ଭୋଟ୍‌ରେ ପ୍ରତିପକ୍ଷଙ୍କୁ ପଛରେ ପକାଇ ଦେଇଥିଲା ।

ଅପରପକ୍ଷରେ ୨୦ ହଜାରରୁ ଅଧିକ ଭୋଟରେ ଆଗୁଆ ଥିବା ନିର୍ବାଚନମଣ୍ଡଳୀଗୁଡ଼ିକ ହେଉଛି, ଝାରସୁଗୁଡା, ସୁନ୍ଦରଗଡ଼, ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବାଲେଶ୍ୱର, ସୋର, ବୀରମହାରାଜପୁର, ପାଟଣାଗଡ଼, କଣ୍ଟାବାଞ୍ଜି, ନୂଆପଡ଼ା, ଭବାନୀପାଟଣା, ଡାବୁଗାଁ, କୋଟପାଡ଼, ମାଲକାନଗିରି, ବଡ଼ମ୍ବା, ପାଟକୁରା, ନିମାପଡ଼ା, ପିପିଲି, ରଣପୁର, ଏକାମ୍ର, ପୋଲସରା, ଖଲିକୋଟ, ଛତ୍ରପୁର, ଗୋପାଳପୁର ଓ ଦିଗପହଣ୍ଡି ।

୧୦ରୁ ୨୦ ହଜାର ଭୋଟ୍ ଅଧିକ ପାଇଥିବା ନିର୍ବାଚନମଣ୍ଡଳୀଗୁଡ଼ିକ ହେଉଛି, ପଦ୍ମପୁର, ରଘୁନାଥପଲ୍ଲୀ, ରାଜଗାଙ୍ଗପୁର, ରେଙ୍ଗାଲୀ, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ସାରସକଣା, ଉଦଳା, ଜଳେଶ୍ୱର, କୋରେଇ, ସୁକିନ୍ଦା, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପାଳଲହଡ଼ା, ଟିଟିଲାଗଡ଼, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଭଞ୍ଜନଗର, ଖଣ୍ଡପଡ଼ା, ପାରାଦୀପ, ଜଗତସିଂହପୁର, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ଚିଲିକା, ଭୁବନେଶ୍ୱର ମଧ୍ୟ, ଖୋର୍ଦ୍ଧା, କବିସୂର୍ଯ୍ୟନଗର, ଆସ୍କା ଓ ଚିକିଟି ।

ସେହିପରି ୧୦ ହଜାରରୁ କମ୍ ଭୋଟରେ ଯେଉଁସବୁ ନିର୍ବାଚନମଣ୍ଡଳୀଗୁଡ଼ିକରେ ବିଜେପି ଉଭୟ ବିଜେଡ଼ି ଓ କଂଗ୍ରେସକୁ ପଛରେ ପକାଇଥିଲା ସେହିସବୁ ନିର୍ବାଚନମଣ୍ଡଳୀ ହେଉଛି; ତେଲକୋଇ, ଆନନ୍ଦପୁର, ରାଇରଙ୍ଗପୁର, ଧାମନଗର, ବିଞ୍ଝାରପୁର, ବଡ଼ଚଣା, ଯାଜପୁର, ଅନୁଗୁଳ, ସୋନପୁର, ଚିତ୍ରକୋଣ୍ଡା, ବାସୁଦେବପୁର, କନ୍ଧମାଳ, ବୌଦ୍ଧ, ଦଶପଲ୍ଲା, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକସଦର, ସାଲେପୁର, ମାହାଙ୍ଗା, କେନ୍ଦ୍ରାପଡ଼ା, ଆଳି, ନିଆଳୀ, ତିର୍ତ୍ତୋଲ, ନୟାଗଡ଼, ଭୁବନେଶ୍ୱର ଉତ୍ତର, ହିଞ୍ଜିଳି, ମୋହନା ଓ ପାରଳାଖେମୁଣ୍ଡି ।

## ଥ୍ୟାଙ୍କ୍ ୟୁ ନବୀନ



ଓଡ଼ିଶାରେ ୨୦୧୪ରୁ ମୋଦିଙ୍କ ହାୱା ବହିବା ଆରମ୍ଭ କରିଥିଲା । ୨୦୦୯ରେ ଲୋକସଭାରେ ବିଜେପି ଓଡ଼ିଶାରେ ୧୭% ଭୋଟ୍ ପାଇଥିବାବେଳେ ୨୦୧୪ ବେଳକୁ ତାହା ୨୨% ପାଖାପାଖି ପହଁଚିଥିଲା । ତେବେ ଅସଲ ଲଢ଼େଇ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରୁ ଆରମ୍ଭ ହୋଇଥିଲା । ଓଡ଼ିଶାକୁ ଘନଘନ ଗସ୍ତ କରି ଅମିତ ଶାହା ଦଳର ବୁଥୱାରୀ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ । ୨୦୧୯ରେ ଦଳ ଆଶାନୁରୂପକ ସଫଳତା ହାସଲ କରିନଥିଲେବି ଲୋକସଭାରେ ଭୋଟ୍ ହାର ୩୮.୪%କୁ ବୃଦ୍ଧି ପାଇଥିଲା । ୮ ଲୋକସଭା ଆସନ ସହ ୨୩ ବିଧାନସଭା ଆସନ ହାତେଇଥିଲା । ତେବେ ନବୀନ ବାବୁଙ୍କ ବିଜେଡ଼ି ସେଞ୍ଚୁରୀ ମାରୁଥିବାରୁ ବୋଧହୁଏ ମୋଦିଙ୍କ କ୍ରେଜକୁ ଦଳ ଅଣଦେଖା କରିଥିଲା । କିମ୍ବା ଜାଣିଥିଲେବି ଅଟକାଇବାକୁ ରଣନୀତି କରିନଥିଲା ।୨୦୨୪ରେ ମୋଦିଙ୍କ ହାୱା, ବିଜେଡ଼ି ବିରୋଧରେ ସରକାରୀ ବିରୋଧୀ ହାୱା ଭଳି କାରଣ ଯୋଗୁଁ ବିଜେପି ୪୫%ରୁ ଉର୍ଦ୍ଧ୍ୱ ଭୋଟ୍ ହାସଲ କରିବା ସହ ସରକାରକୁ ଆସିପାରିଛି । ବିଜେପିର ଏହି ସଫଳତା ପଛରେ ନବୀନ ବାବୁଙ୍କର ବି ବହୁତ ବଡ଼ ହାତ ରହିଛି । ୨୦୧୯ ପରଠାରୁ ବିଜେପି ଓ ବିଜେଡ଼ି ଏକାଠି ହୋଇଚାଲିଲେ । କେନ୍ଦ୍ରରେ ଉଭୟଙ୍କର ସୁସମ୍ପର୍କ ରହିଲା । କେହି କାହା ବିରୋଧରେ ପଦିଏ ବି କହିଲେନି । ଫଳରେ ମୋଦିଙ୍କ ଲୋକପ୍ରିୟତା ଓଡ଼ିଶାରେ ବଢ଼ିବା ସହ ବିଜେଡ଼ି ବିରୋଧୀ ହାୱାର ବି ସୁଫଳ ବିଜେପି ପାଇଲା । ନବୀନ ବାବୁଙ୍କୁ ବିଜେପି ପ୍ରେମ ଏତେ ଘାରିଥିଲାଯେ, ନିର୍ବାଚନ ସମୟରେ ମେଣ୍ଟ ପାଇଁ ବି ବିଜେଡ଼ି ଅନାଇ ବସିଥିଲା । ଏବେବି ବିଜେଡ଼ି ସମାନ ଫର୍ମୂଲାରେ ଚାଲିଛି । ଯେଉଁଥିପାଇଁ ବିଜେପି-ବିଜେଡ଼ି ମଧ୍ୟରେ ୨୦୨୯ରେ ମେଣ୍ଟ ହୋଇପାରେ ବୋଲି ରାଜନୀତିକ ମହଲକୁ ବାର୍ତ୍ତା ଯାଉଛି ।

## ବରଗଡ଼ ଲୋକସଭା
ପଦ୍ମପୁର : ୧୪ ହଜାର
ବିଜେପୁର : ୩୨ ହଜାର
ବରଗଡ଼ : ୩୦ ହଜାର
ଅତାବିରା : ୪୪ ହଜାର
ଭଟଲି : ୪୭ ହଜାର
ବ୍ରଜରାଜନଗର : ୫୫ ହଜାର
ଝାରସୁଗୁଡ଼ା : ୨୩ ହଜାର

## ସୁନ୍ଦରଗଡ଼ ଲୋକସଭା
ତଲସରା : ୩୬ ହଜାର
(କଂଗ୍ରେସ ଠାରୁ)
ସୁନ୍ଦରଗଡ଼ : ୨୦ ହଜାର
ବୀରମିତ୍ରପୁର : ୨୭ ହଜାର
(କଂଗ୍ରେସ ଠାରୁ)
ରଘୁନାଥପଲ୍ଲୀ : ୧୭ ହଜାର
ରାଉରକେଲା : ୨୦ ହଜାର
ରାଜଗାଙ୍ଗପୁର : ୪ ହଜାର
(ବିଜେପି ଠାରୁ କଂଗ୍ରେସ ଅଧିକ)
ବିଜେଡ଼ି
ବଣାଇ : ୭ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)

## ସମ୍ବଲପୁର ଲୋକସଭା
କୁଚିଣ୍ଡା : ୩୯ ହଜାର
ରେଙ୍ଗାଲୀ : ୧୪ ହଜାର
ସମ୍ବଲପୁର : ୨୯ ହଜାର
ରେଢାଖୋଲ : ୧୪ ହଜାର
ଦେବଗଡ଼ : ୧୧ ହଜାର
ଛେଣ୍ଡିପଦା : ୧୭ ହଜାର
ଆଠମଲ୍ଲିକ : ୫ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)

## କେନ୍ଦୁଝର ଲୋକସଭା
ତେଲକୋଇ : ୯ ହଜାର
ଘସିପୁରା : ୧୨ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)
ଆନନ୍ଦପୁର : ୨ ହଜାର
ପାଟଣା : ୪୭ ହଜାର
କେନ୍ଦୁଝର : ୨୫ ହଜାର
ଚମ୍ପୁଆ : ୧୮ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)
କରଞ୍ଜିଆ : ୪୦ ହଜାର

## ମୟୂରଭଞ୍ଜ ଲୋକସଭା
ଯଶୀପୁର : ୪୮ ହଜାର
ସାରସକଣା : ୧୭ ହଜାର
ରାଇରଙ୍ଗପୁର : ୯ ହଜାର
ବାଙ୍ଗିରିପୋଷୀ : ୩୯ ହଜାର
ଉଦଳା : ୧୬ ହଜାର
ବାରିପଦା : ୩୮ ହଜାର
ମୋରଡ଼ା : ୪୭ ହଜାର

## ବାଲେଶ୍ୱର ଲୋକସଭା
ବଡ଼ସାହି : ୪୮ ହଜାର
ଜଳେଶ୍ୱର : ୧୩ ହଜାର
ଭୋଗରାଇ : ୮ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ବସ୍ତା : ୨୧ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ବାଲେଶ୍ୱର : ୩୮ ହଜାର
ରେମୁଣା : ୪୨ ହଜାର
ନୀଳଗିରି : ୪୪ ହଜାର

## ଭଦ୍ରକ ଲୋକସଭା
ସୋର : ୨୮ ହଜାର
ସିମୁଳିଆ : ୩୨ ହଜାର
ଭଣ୍ଡାରିପୋଖରୀ : ୯ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଭଦ୍ରକ : ୩୯ ହଜାର
ବାସୁଦେବପୁର : ୧ ହଜାର
ଧାମନଗର : ୯ ହଜାର
ଚାନ୍ଦବାଲି : ୪୦୦
(ବିଜେପିଠୁ ବିଜେଡ଼ି ଅଧିକ)

## ଯାଜପୁର ଲୋକସଭା
ବିଞ୍ଝାରପୁର : ୭ ହଜାର
ବରି : ୨୦ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ବଡ଼ଚଣା : ୬ ହଜାର
ଧର୍ମଶାଳା : ୧୮ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଯାଜପୁର : ୪ ହଜାର
କୋରେଇ : ୧୦ ହଜାର
ସୁକିନ୍ଦା : ୧୨ ହଜାର

## ଢେଙ୍କାନାଳ ଲୋକସଭା
ଢେଙ୍କାନାଳ : ୨୬ ହଜାର
ହିନ୍ଦୋଳ : ୧୦ ହଜାର
କାମାକ୍ଷାନଗର : ୧୫ ହଜାର
ପରଜଙ୍ଗ : ୨୭ ହଜାର
ପାଲଲହଡ଼ା : ୧୦ ହଜାର
ତାଳଚେର : ୨୨ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଅନୁଗୁଳ : ୧୦ ହଜାର

## ବଲାଙ୍ଗୀର ଲୋକସଭା
ବୀରମହାରାଜପୁର : ୨୮ ହଜାର
ସୋନପୁର : ୧୦ ହଜାର
ଲୋଇସିଂହା : ୪୧ ହଜାର
ପାଟଣାଗଡ଼ : ୩୦ ହଜାର
ବଲାଙ୍ଗୀର : ୨୧ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଟିଟିଲାଗଡ଼ : ୧୪ ହଜାର
କଣ୍ଟାବାଞ୍ଜି : ୨୭ ହଜାର

## କଳାହାଣ୍ଡି ଲୋକସଭା
ନୂଆପଡ଼ା : ୨୫ ହଜାର
ଖରିଆର : ୩ ହଜାର
ଲାଞ୍ଜିଗଡ଼ : ୫ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଜୁନାଗଡ଼ : ୩୦ ହଜାର
ଧର୍ମଗଡ଼ : ୪୨ ହଜାର
ଭବାନୀପାଟଣା : ୨୫ ହଜାର
ନର୍ଲା : ୧୫ ହଜାର

## ନବରଙ୍ଗପୁର ଲୋକସଭା
ଉମରକୋଟ : ୧୧ ହଜାର
ଝରିଗାଁ : ୧୪ ହଜାର
ନବରଙ୍ଗପୁର : ୧୮ ହଜାର
ଡାବୁଗାଁ : ୪୨ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
କୋଟପାଡ଼ : ୨୯ ହଜାର
ମାଲକାନଗିରି : ୨୧ ହଜାର
(କଂଗ୍ରେସଠୁ ବିଜେପି ଅଧିକ)
ଚିତ୍ରକୋଣ୍ଡା : ୧୩ ହଜାର
(ବିଜେପିଠୁ କଂଗ୍ରେସ ଅଧିକ)

## କନ୍ଧମାଳ ଲୋକସଭା
ବାଲିଗୁଡ଼ା: ୧୩ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଜି. ଉଦୟଗିରି : ୯ ହଜାର
(ବିଜେପିଠୁ କଂଗ୍ରେସ ଅଧିକ)
ଫୁଲବାଣୀ : ୩ ହଜାର
କଣ୍ଟାମାଳ : ୪ ହଜାର
ବୌଦ୍ଧ : ୨ ହଜାର
ଦଶପଲ୍ଲା : ୭ ହଜାର
ଭଞ୍ଜନଗର : ୧୪ ହଜାର

## କଟକ ଲୋକସଭା
ବଡ଼ମ୍ବା : ୨୦ ହଜାର
ବାଙ୍କୀ : ୨ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)
ଆଠଗଡ଼ : ୩ ହଜାର
ବାରବାଟୀ-କଟକ : ୮ ହଜାର
ଚୌଦ୍ୱାର-କଟକ : ୬ ହଜାର
କଟକ ସଦର : ୫ ହଜାର
ଖଣ୍ଡପଡ଼ା : ୧୨ ହଜାର

## କେନ୍ଦ୍ରାପଡ଼ା ଲୋକସଭା
ସାଲେପୁର : ୪ ହଜାର
ମାହାଙ୍ଗା : ୬ ହଜାର
ପାଟକୁରା : ୨୦ ହଜାର
କେନ୍ଦ୍ରାପଡ଼ା : ୬ ହଜାର
ଆଳି : ୪ ହଜାର
ରାଜନଗର : ୧୬ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ମହାକାଳପଡ଼ା : ୪୦ ହଜାର

## ଜଗତସିଂହପୁର ଲୋକସଭା
ନିଆଳୀ : ୮ ହଜାର
ପାରାଦୀପ : ୧୫ ହଜାର
ତିର୍ତ୍ତୋଲ : ୧୦ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ବାଲିକୁଦା-ଏରସମା : ୨ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଜଗତସିଂହପୁର : ୧୫ ହଜାର
କାକଟପୁର : ୮ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ନିମାପଡ଼ା : ୨୧ ହଜାର

## ପୁରୀ ଲୋକସଭା
ପୁରୀ : ୧୭ ହଜାର
ବ୍ରହ୍ମଗିରି : ୭ ହଜାର
ସତ୍ୟବାଦୀ : ୧୮ ହଜାର
ପିପିଲି : ୨୧ ହଜାର
ଚିଲିକା : ୧୩ ହଜାର
ରଣପୁର : ୨୦ ହଜାର
ନୟାଗଡ଼ : ୫ ହଜାର

## ଭୁବନେଶ୍ୱର ଲୋକସଭା
ଜୟଦେବ : ୫ ହଜାର
(ବିଜେପିଠୁ ବିଜେଡ଼ି ଅଧିକ)
ଭୁବନେଶ୍ୱର ମଧ୍ୟ : ୧୨ ହଜାର
ଭୁବନେଶ୍ୱର ଉତ୍ତର : ୬ ହଜାର
ଏକାମ୍ର ଭୁବନେଶ୍ୱର : ୨୫ ହଜାର
ଜଟଣୀ : ୭ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)
ବେଗୁନିଆ : ୧୨ ହଜାର
(ବିଜେପି ଠାରୁ ବିଜେଡ଼ି ଅଧିକ)
ଖୋର୍ଦ୍ଧା : ୧୬ ହଜାର




## ଆସ୍କା ଲୋକସଭା
ପୋଲସରା : ୧୭ ହଜାର
କବିସୂର୍ଯ୍ୟନଗର : ୧୫ ହଜାର
ଖଲିକୋଟ : ୨୬ ହଜାର
ଆସ୍କା : ୧୫ ହଜାର
ସୋରଡ଼ା : ୩୨ ହଜାର
ସାନଖେମୁଣ୍ଡି : ୭ ହଜାର
(କଂଗ୍ରେସଠୁ ବିଜେଡ଼ି ଅଧିକ)
ହିଞ୍ଜିଳି : ୫ ହଜାର

## ବ୍ରହ୍ମପୁର ଲୋକସଭା
ଛତ୍ରପୁର : ୨୨ ହଜାର
ଗୋପାଳପୁର : ୨୩ ହଜାର
ବ୍ରହ୍ମପୁର : ୪୬ ହଜାର
ଦିଗପହଣ୍ଡି : ୨୫ ହଜାର
ଚିକିଟି : ୧୨ ହଜାର
ମୋହନା : ୨ ହଜାର
ପାରଳାଖେମୁଣ୍ଡି : ୧୫ ହଜାର

## କୋରାପୁଟ ଲୋକସଭା
ଗୁଣୁପୁର : ୩୭ ହଜାର
(ବିଜେଡ଼ିଠୁ କଂଗ୍ରେସ ଅଧିକା)
ବିଷମକଟକ : ୧୯ ହଜାର
(ବିଜେଡ଼ିଠୁ କଂଗ୍ରେସ ଅଧିକା)
ରାୟଗଡ଼ା : ୩୭ ହଜାର
(ବିଜେଡ଼ିଠୁ କଂଗ୍ରେସ ଅଧିକା)
ଲକ୍ଷ୍ମୀପୁର : ୨୬ ହଜାର
(ବିଜେଡ଼ିଠୁ କଂଗ୍ରେସ ଅଧିକା)
ଜୟପୁର : ୫ ହଜାର
(ବିଜେପିଠୁ କଂଗ୍ରେସ ଅଧିକ)
କୋରାପୁଟ : ୨ ହଜାର
(ବିଜେପିଠୁ କଂଗ୍ରେସ ଅଧିକ)
ପଟାଙ୍ଗୀ : ୧୩ ହଜାର
(ବିଜେଡ଼ିଠୁ କଂଗ୍ରେସ ଅଧିକା)

# ବବି-ପାଣ୍ଡିଆନ୍ ଛାୟା ଯୁଦ୍ଧ



**ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ତାଙ୍କ ଉତ୍ତରାଧିକାରୀ ଘୋଷଣା କରିବେ ନାହିଁ। ଉତ୍ତରାଧିକାରୀ ଓଡ଼ିଶାବାସୀ ସ୍ଥିର କରିବେ ବୋଲି ନବୀନ ପୂର୍ବରୁ କହିସାରିଛନ୍ତି । ତେଣୁ ନିଜ କଥାରେ ନବୀନ ଅଟଳ ରହିବେ ବୋଲି କୁହାଯାଉଛି। ତେବେ ବୟସାଧିକ୍ୟ କାରଣରୁ ଦଳକୁ ଆମୂଳଚୁଳ ଚଳାଇବା ପାଇଁ ନବୀନ ଫିଟ୍ ନୁହଁନ୍ତି । ଏକଥା ସ୍ୱୀକାର କରିବାକୁ ପଡ଼ିବା ଏଭଳି ସ୍ଥିତିରେ ବାମ ହାତ ଓ ଡାହାଣ ହାତର ଆବଶ୍ୟକତା ରହିଛି । ଅତୀତରେ ଅନେକ ରାଜନେତା ବାଁ ଓ ଡାହାଣ ହାତକୁ ଦାୟିତ୍ୱ ଦେଇ ବେଶ୍ ସୁରୁଖୁରୁରେ ଦଳ ଚଳାଇ ଆସୁଥିଲେ। ନବୀନ ଏହି ତରିକା ଆପଣାଇବେ କି ନାହିଁ ଏଯାବତ୍ ତାହା ସ୍ପଷ୍ଟ ହୋଇନାହିଁ । କିଛି ବିଜେଡ଼ି ନେତାଙ୍କ ମତ ଅନୁଯାୟୀ, ଅପରପକ୍ଷରେ ବିଜେଡ଼ିର ମଙ୍ଗ ଧରିବାକୁ ପ୍ରଣବ ପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ଅବଶ୍ୟ କେତେକ କୁହନ୍ତି, ଉଭୟ ଭିତରେ ଏକାଠି ଥିଲେବି ବାହାରକୁ କଳିର ନାଟକ ରଚୁଛନ୍ତି। ପ୍ରକୃତ ସତ୍ୟ ମା' ଗଙ୍ଗେଇଙ୍କୁ ଜଣା। ଯଦି ନବୀନ ନିଜ ଦଳର ନେତୃତ୍ୱ କାହାକୁ ଦେବାକୁ ଚାହିଁବେ, ତେବେ ସେ କିଏ ହେବେ ?**





## ପ୍ରଣବ ପ୍ରକାଶ ଦାସ

୨୦୨୦, ମାର୍ଚ୍ଚ ୫ । ବିଜୁବାବୁଙ୍କ ଜୟନ୍ତୀରେ ନବୀନ ବାବୁ ଦଳର ନେତାଙ୍କୁ ସରପ୍ରାଇଜ୍ ଦେଲେ। ପ୍ରଥମ ଥର ପାଇଁ ବିଜେପି ଢାଞ୍ଚାରେ ନବୀନ ବାବୁ ସୃଷ୍ଟି କଲେ ସଂଗଠନ ସମ୍ପାଦକ ପଦବୀ। (ସାଧାରଣତଃ ବିଜେପିରେ ଦଳ ଓ ସଂଘ ଭିତରେ ସମନ୍ୱୟ ରକ୍ଷା ପାଇଁ ସଂଘର ପ୍ରଚାରକଙ୍କୁ ସାଂଗଠନିକ ସମ୍ପାଦକ ଭାବେ ନିଯୁକ୍ତି ଦେବାର ପରମ୍ପରା ରହିଆସିଛି ।) ବବି ଦାସ ସଂଗଠନ ସମ୍ପାଦକ ହେବା ପରେ ତାଙ୍କୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହୋଇଥିଲା । ସେ ପାଲଟି ଯାଇଥିଲେ ଦଳର ନମ୍ବର ଟୁ । ଉଭୟ ଦଳରେ ଓ ସରକାରରେ ବି ତାଙ୍କର ଦବଦବା ବେଶ୍ ପରିଲକ୍ଷିତ ହୋଇଥିଲା । ଅବଶ୍ୟ ଭିକେ ପାଣ୍ଡିଆନ୍ ଶଙ୍ଖ ଧରିବା ପରେ ବବି ନମ୍ବର ତିନି ହୋଇଯାଇଥିଲେ। ସେହି ସମୟରୁ ପାଣ୍ଡିଆନ୍ ଓ ବବିଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିଲେବି ତାହା ଉପରକୁ ଦୃଶ୍ୟମାନ ହୋଇନଥିଲା । ଏବେବି ବିଜେଡ଼ିରେ ଚାଲିଥିବା କ୍ଷମତା ରେସ୍‌ରେ ବବି ଓ ପାଣ୍ଡିଆନଙ୍କ ମଧ୍ୟରେ ଛାୟା ଯୁଦ୍ଧ ଚାଲିଛି । ପ୍ରାୟ ୪ ବର୍ଷ ଧରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳର ଟିକିନିଖି କଥା ବୁଝୁଥିବାରୁ ବବିଙ୍କର ଦଳ ଚଳାଇବା ଦକ୍ଷତା ଅଛି ବୋଲି କୁହାଯାଇପାରିବ । କିନ୍ତୁ ଚବିଶ ନିର୍ବାଚନର ପରାଜୟ ପାଇଁ ପାଣ୍ଡିଆନଙ୍କ ଭଳି ଅନେକ ବବି ଦାସଙ୍କୁ ବି ଦାୟୀ କରୁଛନ୍ତି । ତଥାପିବି ସେ ନବୀନ ବାବୁଙ୍କର ଗୁଡ୍‌ବୁକ୍‌ରେ ଅଛନ୍ତି ।

## ସୁଜାତା-ପାଣ୍ଡିଆନ୍

ଭିକେ ପାଣ୍ଡିଆନ୍ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ । ଜିଲ୍ଲାପାଳ ଥିବା ସମୟରୁ ହିଁ ସେ ନିଆରା ପ୍ରଶାସନ ପାଇଁ ଚର୍ଚ୍ଚାରେ ରହି ଆସିଛନ୍ତି । ତେବେ ନବୀନଙ୍କର ବ୍ୟକ୍ତିଗତ ସଚିବ ହେବା ପରେ ପାଣ୍ଡିଆନ ଢେର ପାୱାରଫୁଲ୍ ହୋଇ ଯାଇଥିଲେ। ଗାଏମୋଟ୍ କହିଲେ ପୂରା ରାଜ୍ୟ ପ୍ରଶାସନ ତାଙ୍କ ଚାରିପାଖରେ ହିଁ ଘୂରି ବୁଲୁଥିଲା । ଜୁନିଅର ହୋଇବି ସିନିଅରଙ୍କ ଉପରେ ହାକିମାତି କରିବା ପାଇଁ ସେ ଫାଇଭ-ଟି ସଚିବ ପଦବୀ ବି ସୃଷ୍ଟି କରିଥିଲେ। ସେତେବେଳେ ସମସ୍ତେ ଭାବୁଥିଲେ, ପାଣ୍ଡିଆନ୍ ବାହାରେ ରହି ବିଜେଡ଼ି ଓ ସରକାରକୁ ଚଳାଇବେ। ସେ ରାଜନୀତିକୁ ପ୍ରତ୍ୟକ୍ଷ ଭାବେ ଆସିବେ ବୋଲି କେହି ଭାବିବିନଥିଲେ। ହେଲେ ୨୦୨୩ ନଭେମ୍ବର ୨୭ରେ ସମସ୍ତଙ୍କୁ ଚମକାଇ ଶଙ୍ଖ ଧରିଥିଲେ ପାଣ୍ଡିଆନ୍। ସାରା ରାଜ୍ୟରେ ନବୀନଙ୍କ ସହ ତାଙ୍କର ବ୍ୟାନର ପୋଷ୍ଟର ବି ଛାଇ ଯାଇଥିଲା । ୨୦୨୪ରେ ବିଜେଡ଼ି ଜିତିଥିଲେ ପାଣ୍ଡିଆନ ହିଁ ସୁପର ସିଏମ୍ ହୋଇଥା'ନ୍ତେ । ହେଲେ ପାଣ୍ଡିଆନଙ୍କ ପାଇଁ ହିଁ ବିଜେଡ଼ି ହାରିଲା ବୋଲି ସାରା ରାଜ୍ୟକୁ ବାର୍ତ୍ତା ଯାଇସାରିଛି । ସେ ବି ପ୍ରତ୍ୟକ୍ଷ ରାଜନୀତିରୁ ସନ୍ନ୍ୟାସ ନେଇଯାଇଛନ୍ତି । ତେବେ ପତ୍ନୀ ସୁଜାତା କାର୍ତ୍ତିକେୟନ ଚାକିରୀ ଛାଡ଼ିବା ପରେ ବିଜେଡ଼ିର ମଙ୍ଗ ଧରିପାରନ୍ତି ବୋଲି ବିଜେଡ଼ି ଅଳିନ୍ଦରେ ଚର୍ଚ୍ଚା ହେଉଛି । ସମ୍ପ୍ରତି ପାଣ୍ଡିଆନ୍ ଫ୍ୟାନ୍ କ୍ଲବ ବି ବେଶ୍ ସକ୍ରିୟ ହୋଇଯାଇଛି। କିନ୍ତୁ ଦଳର କେତେକ ନେତା ଉଭୟ ପତି-ପତ୍ନୀ ବିଜେଡ଼ିର ମଙ୍ଗ ଧରନ୍ତୁ ବୋଲି ଚାହୁଁନାହାନ୍ତି ।

## ଅରୁଣ ସାହୁ

ଗୋଟିଏ ସମୟରେ ରାଜ୍ୟ ରାଜନୀତିର ତିନି ଚର୍ଚ୍ଚିତ ଚେହେରା ଥିଲେ ଅରୁଣ ସାହୁ, ଧର୍ମେନ୍ଦ୍ର ପ୍ରଧାନ ଓ ଲୁଲୁ ମହାପାତ୍ର। ତିନି ଦଳର ଏମାନେ ହିଁ ଭବିଷ୍ୟତ ବୋଲି କୁହାଯାଉଥିଲା। ବିଜୁ ଛାତ୍ର ଜନତା ଦଳର ସଭାପତି ସମୟରୁ ହିଁ ଅରୁଣ ତାଙ୍କର ସାଂଗଠନିକ ଦକ୍ଷତା ପ୍ରତିପାଦିତ କରିଥିଲେ । ବାଗ୍ମୀ, ଦକ୍ଷ ଓ ସୁବକ୍ତା ଭାବେ ତାଙ୍କର ଖ୍ୟାତି ରହିଛି। ବିଶେଷକରି ଦଳର ଅନେକ ଯୁବ ଓ ଛାତ୍ର ଅରୁଣଙ୍କ ଫ୍ୟାନ୍ କହିଲେ ଭୁଲ୍ ହେବନାହିଁ। ଆଜିକା ଦିନରେ ବିଜେଡ଼ି କର୍ମୀ ମହଲରେ ଅରୁଣଙ୍କର ଢେର କ୍ରେଜ୍ ରହିଛି। ସୁଯୋଗ ପାଇଲେ ରୋକଠୋକ୍ କହିବା ଓ ଅତି ଜଟିଳ ପ୍ରସଙ୍ଗରେ ଗଣମାଧ୍ୟମକୁ ସାମ୍ନା କରିବାର କଳାରେ ସେ ମାହିର। ପାଞ୍ଚ ଥର ବିଧାୟକ ଓ ବହୁବାର ମନ୍ତ୍ରୀ ହୋଇଥିବା ଅରୁଣ ଅନେକ ଛାତ୍ରନେତା ବି ସୃଷ୍ଟି କରିଛନ୍ତି। ଅବଶ୍ୟ ପାଣ୍ଡିଆନଙ୍କୁ ଜୋରଦାର ବିରୋଧ କରୁଥିବାରୁ ତାଙ୍କୁ ରାଜନୀତିକ ବ୍ୟାପାର କମିଟିରେ ସ୍ଥାନ ମିଳିନାହିଁ । ଅତଏବ ନବୀନ ତାଙ୍କ ଉପରେ ଖପ୍ପା ଥିବା କହିଲେ ଭୁଲ୍ ହେବନାହିଁ। ସେ କ୍ଷମତା ପାଇଁ କୌଣସି ପରିସ୍ଥିତିରେ ପାଣ୍ଡିଆନ୍ କି ସୁଜାତାଙ୍କ ସହ ସାଲିସ୍ କରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇପାରେ।



## କୋଟରୀ ଗ୍ରୁପ୍

ନବୀନ ଜଣଙ୍କୁ କାହାକୁ ଦାୟିତ୍ୱ ନଦେଇ କୋଟରୀରେ କ୍ଷମତା ବିକେନ୍ଦ୍ରୀକରଣକୁ ଆଉ ଏକ ବିକଳ୍ପ ଭାବେ ଗ୍ରହଣ କରିପାରନ୍ତି। ଆଜିକାଲି ବିଜେଡ଼ିରେ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଜେନାଙ୍କ ଭଳି ନେତାଙ୍କ ମାମଲତି ଦେଖିବାକୁ ମିଳୁଛି। ଅବଶ୍ୟ ନବୀନ ବାବୁ ସେମାନଙ୍କୁ ସେତେ କ୍ଷମତା ଦେଇନାହାନ୍ତି, ତେବେ ଦଳର ବିଭିନ୍ନ ନୀତି ନିର୍ଦ୍ଧାରଣକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ତୁଲାଉଛନ୍ତି । କେତେକଙ୍କ ମତରେ ଆଗାମୀ ଦିନରେ ନବୀନ ବାବୁ ନେତାମାନଙ୍କୁ ଜୋନ୍‌ୱାରୀ ଦାୟିତ୍ୱ ଦେଇପାରନ୍ତି । ଗାଏମୋଟ୍ କହିଲେ ୨୦୨୭ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ନବୀନ ବାବୁ ନେତାଙ୍କ ଦକ୍ଷତା ପରଖିବେ ବୋଲି ଚର୍ଚ୍ଚା ହେଉଛି ।

## ବାବୁ ରାଜ୍

ଦଳ ସରକାରରେ ଥିବାବେଳେ ଯେମିତି ବାବୁ ରାଜ୍ ଦେଖିବାକୁ ମିଳୁଥିଲା ଏବେବି ବିଜେଡ଼ିରେ ତାହା କାଏମ୍ ରହିଛି। ରାଜନୀତି ସହ ପୂର୍ବରୁ ସଂପୃକ୍ତି ନଥିବା ଅନେକ ପ୍ରଶାସକ ବାବୁ ଓ କର୍ପୋରେଟ୍ ବାବୁ ମଧ୍ୟ ବିଜେଡ଼ିରେ ଦବଦବା ଜାହିର କରୁଛନ୍ତି। ଏବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ବ୍ୟକ୍ତିଗତ ସଚିବ ଅଛନ୍ତି ଆଦିତ୍ୟ ମହାପାତ୍ର । ଆଜିକାଲି ଦଳର ଅନେକ ନୀତି ନିର୍ଦ୍ଧାରଣ ଓ ନିଷ୍ପତ୍ତିରେ ତାଙ୍କର ବଡ଼ ଭୂମିକା ରହୁଛି। ନିବାସ ସହ ଯୋଗସୂତ୍ରରେ ସେ ବର୍ତ୍ତମାନ ସବୁଠାରୁ ବଡ଼ ମାଧ୍ୟମ । ସେହିପରି କର୍ପୋରେଟ୍ ବାବୁ ସଂତୃପ୍ତ ମିଶ୍ର ନବୀନଙ୍କର ରାଜନୈତିକ ସଚିବ ଅଛନ୍ତି । ଏମିତିବି ପୂର୍ବରୁ ବିଜେଡ଼ିରେ ପାୱାରଫୁଲ୍ ଥିଲେ ମନୋଜ ମିଶ୍ର । ଏବେବି ସେ ଦଳର ୱାରରୁମ୍ ଦାୟିତ୍ୱରେ ରହିଛନ୍ତି। ଏମାନେ ସମସ୍ତେ ପାଣ୍ଡିଆନଙ୍କର ଖାସ୍ ଲୋକ ହୋଇଥିବାବେଳେ ପାଣ୍ଡିଆନ୍ ନିଜେ ସାମ୍ନାକୁ ନଆସି ସେମାନଙ୍କ ଜରିଆରେ ବିଜେଡ଼ିକୁ ଚଳାଇଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।



# କୁଆଡ଼େ ଯିବେ ଅଂଶୁମାନ ?

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ହାତ ଛାଡ଼ି ଶଙ୍ଖ ଧରିଥିଲେ ଅଂଶୁମାନ ମହାନ୍ତି। ସେହି ସମୟରେ ଅଂଶୁମାନ, ଗଣେଶ୍ୱର ବେହେରା ଓ ଅରବିନ୍ଦ ମହାପାତ୍ର ବିଜେଡ଼ିକୁ ଆସିବା ଘଟଣା ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ବିଜେଡ଼ି ବିଧାୟକ ଟିକେଟରେ ଲଢ଼ି ଗଣେଶ୍ୱର ଓ ଅରବିନ୍ଦ ବିଧାୟକ ହୋଇଥିବାବେଳେ ସାଂସଦ ଭାବେ ଲଢୁଥିବା ଅଂଶୁମାନଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଅବଶ୍ୟ ସେତେବେଳେ ସେ ରାଜନଗରରୁ ବିଧାୟକ ଟିକେଟ ପାଇବାକୁ ଇଚ୍ଛା ରଖିଥିଲେ ବି ଧ୍ରୁବଚରଣ ସାହୁଙ୍କ ପତିଆରା ଆଗରେ ଫିକା ପଡ଼ିଯାଇଥିଲେ ।



ଅବଶ୍ୟ ରାଜନଗରର ଅଙ୍କ ଦେଖିଲେ ଧ୍ରୁବଙ୍କ ଟିକେଟ କଟିବାର କାରଣ ହିଁ ନଥିଲା। ୨୦୧୪ରେ ଅଂଶୁମାନଙ୍କ ଠାରୁ ୫ ହଜାର ଭୋଟ୍‌ରେ ହାରି ଯାଇଥିବା ଧ୍ରୁବ ପରବର୍ତ୍ତୀ ସମୟରେ ନିଜର ସାଂଗଠନିକ ଦକ୍ଷତା ପାଇଁ ୨୦୧୯ ଓ ୨୦୨୪ରେ ବି ବାଜିମାତ୍ କରିଛନ୍ତି। ରାଜନଗରରେ ବିଜେଡ଼ିକୁ ମଜବୁତ୍ କରିବାରେ ଧ୍ରୁବଙ୍କର ବି ବେଶ୍ ଯୋଗଦାନ ରହିଛି। ଯଦି ୨୦୨୪ରେ ଅଂଶୁମାନ ସାଂସଦ ଭାବେ ଜିଣିଥା'ନ୍ତେ ତେବେ ଧ୍ରୁବ-ଅଂଶୁମାନ କାନ୍ଧକୁ କାନ୍ଧ ମିଳାଇ ଚାଲିବାକୁ ବାଧ୍ୟ ହୋଇଥା'ନ୍ତେ। ଅଂଶୁମାନ ହାରି ଯାଇଥିବାରୁ ଧ୍ରୁବ ସାଂଗଠନିକ କାର୍ଯ୍ୟକ୍ରମରେ ଆଉ ଅଂଶୁମାନଙ୍କୁ ଲୋଡ଼ୁନାହାନ୍ତି। ଅତୀତରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଅଂଶୁମାନଙ୍କ ପତିଆରା କମାଇବାକୁ ଧ୍ରୁବ ଚାହିଁବା ସ୍ୱାଭାବିକ। ଯେଉଁଥିପାଇଁ ରାଜନଗର ବିଜେଡ଼ିରେ ଉଭୟଙ୍କ ମଧ୍ୟରେ ଶୀତଳଯୁଦ୍ଧ ଲାଗିରହିଛି। ଧ୍ରୁବ ମୂଳ ବିଜେଡ଼ି ନେତା ହୋଇଥିବାରୁ ତାଙ୍କ ହାତରେ ବିଜେଡ଼ି ନେତା ଓ କର୍ମୀମାନେ ରହିଛନ୍ତି। ଦଳରେ କୋଣଠେସା ହୋଇଯାଇଥିବାରୁ ଅଂଶୁମାନ ଏବେ ନୂଆ ଅଙ୍କକଷା ଆରମ୍ଭ କରିଦେଇଛନ୍ତି।

ନିକଟରେ ଗୋଟିଏ ଘଟଣା ରାଜନଗର ବିଜେଡ଼ିରେ ଆଲୋଡ଼ନ ସୃଷ୍ଟିକରିଛି। ରାଜନଗର ବିଡ଼ିଓଙ୍କୁ ଆକ୍ରମଣ ଘଟଣାରେ ଧ୍ରୁବଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲେ ବି ଅଂଶୁମାନଙ୍କୁ ଦେଖିବାକୁ ମିଳିନଥିଲା। ବରଂ ସେ ଅତନୁଙ୍କ ନେତୃତ୍ୱରେ ହେଉଥିବା ଅଣ୍ଡରପାସ୍ ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ଅଂଶୁମାନ ଏନେଇ ପୂର୍ବରୁ ମୁହଁ ଖୋଲୁନଥିଲେବି ସେଦିନ ସାମ୍ବାଦିକ ପଚାରିବାରୁ, ଦଳ ମୋତେ ଲୋଡ଼ୁନି କି ପଚାରୁନି ବୋଲି କହି ଅସନ୍ତୋଷ ଝାଡ଼ିଥିଲେ। ଏମିତିକି ଅସନ୍ତୁଷ୍ଟ ଗୋଷ୍ଠୀର ଭୋଜିଭାତ, ବୈଠକ, ଖଟିରେ ଅଂଶୁମାନଙ୍କୁ ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଅଂଶୁମାନ କ'ଣ କରିବେ ? ସେମିତି ବିଜେଡ଼ିରେ ପଡ଼ି ରହି ୨୦୨୯କୁ ଅପେକ୍ଷା କରିବେ ନା ବିଜେପିରେ ଭବିଷ୍ୟତ ଗଢ଼ିବାକୁ ଚିନ୍ତା କରିବେ। ଅବଶ୍ୟ ପୂର୍ବରୁ ସେ କଂଗ୍ରେସର ଆଗଧାଡ଼ିର ନେତା ଥିବାବେଳେ ଥରେ ବିଧାୟକ ହୋଇଛନ୍ତି । ତେଣୁ କଂଗ୍ରେସ ଦୁଆର ତାଙ୍କ ପାଇଁ ସବୁବେଳେ ଖୋଲା ରହିବା ସ୍ୱାଭାବିକ ।

ଗର୍ବିତ ଓଡ଼ିଆ




## ୨୦୧୪ ପରେ ଜେଲ୍ ଯାଇଥିବା ନେତା

**ଜୟଲଳିତା, ସୁବ୍ରତ ମୁଖାର୍ଜୀ, ଫିରହାଦ ହାକିମ୍, ଜ୍ୟୋତି ପ୍ରିୟ୍ୟା ମଲ୍ଲିକ, ମନୀଷ ସିସୋଦିଆ, ଅରବିନ୍ଦ କେଜ୍ରିୱାଲ, ପାର୍ଥ ଚାଟାର୍ଜୀ, ସତ୍ୟେନ୍ଦ୍ର ଜୈନ, ମଦନ ମିତ୍ର, ଭି. ସେନ୍ଥାଲୀ ବାଲାଜୀ, ଜିତେନ୍ଦ୍ର ଏସ. ତୋମାର, ନୱାବ ମଲ୍ଲିକ**

(ଏମାନଙ୍କୁ ମଧ୍ୟରୁ କିଛି ନେତାଙ୍କୁ ପୁଲିସ୍ ଓ କିଛି ନେତାଙ୍କୁ ଇଡ଼ି-ସିବିଆଇ ଗିରଫ କରିଥିଲା । ଦୁର୍ନୀତିଖୋରଙ୍କ ବିରୋଧରେ ମୋଦି କଠୋର ବୋଲି ବିଜେପି କହୁଥିବାବେଳେ ବିରୋଧୀ ଏହାକୁ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହୁଛନ୍ତି ।)

### ନେତାଙ୍କ ଉପରେ ଚଢ଼ାଉ

| | |
|---|---|
| ୨୦୧୫-୧୬ : | ୧୦ |
| ୨୦୧୬-୧୭ : | ୧୪ |
| ୨୦୧୭-୧୮ : | ୭ |
| ୨୦୧୮-୧୯ : | ୧୧ |
| ୨୦୧୯-୨୦ : | ୨୬ |
| ୨୦୨୦-୨୧ : | ୨୭ |
| ୨୦୨୧-୨୨ : | ୨୬ |
| ୨୦୨୨-୨୩ : | ୩୨ |
| ୨୦୨୩-୨୪ : | ୨୭ |
| ୨୦୨୪-୨୫ : | ୧୩ |

୧୯୩ ନେତାଙ୍କ ଉପରେ ଇଡ଼ି ଚଢ଼ାଉ ହୋଇଥିବାବେଳେ ମାତ୍ର ୨ଟି ମାମଲାରେ ଦଣ୍ଡବିଧାନ ହୋଇଛି ।



# 'ପଞ୍ଜୁରୀ ଶୁଆ' ଏବେ 'ଲଣ୍ଡ୍ରି ବ୍ୟାଗ୍' !

୨୦୧୩ ମସିହାର କଥା । ବହୁଚର୍ଚ୍ଚିତ କୋଲ୍‌ଗେଟ୍ ମାମଲାର ଠିକ୍ ତଦନ୍ତ ହେଉନଥିବାରୁ ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଆରଏମ ଲୋଧା ଆଟର୍ଣ୍ଣି ଜେନେରାଲଙ୍କ ଉପରେ ଫିଡ଼ିକି ଯାଇଥିଲେ । ସିବିଆଇକୁ 'କେଜ୍‌ଡ଼ ପ୍ୟାରୋଟ' ବା ପଞ୍ଜୁରୀ ଭିତରେ ଶୁଆ ବୋଲି ଅଭିହିତ କରିବା ସହ ଏହା କେବଳ ମାଷ୍ଟରର କଥା ଶୁଣେ ବୋଲି କହିଥିଲେ । ତତ୍କାଳୀନ ଉପା ସରକାରକୁ କଡ଼ା ସମାଲୋଚନା କରିବାକୁ ଯାଇ ବିଜେପି ନେତାମାନେ ବହୁବାର ସୁପ୍ରିମକୋର୍ଟଙ୍କ ଟିପ୍ପଣୀ କଥା ଉଲ୍ଲେଖ କରିବାର ଗଦାଗଦା ନଜିର ରହିଛି । ଏବେ ସେ ଶୁଆ ଅଛି ନା ନାହିଁ? ଏବେ ଶୁଆ ମାଷ୍ଟରର କଥା ଶୁଣୁଛି ନା ନାହିଁ? ଏହାର ଉତ୍ତରରେ ସମସ୍ତେ କହିବେ ହଁ । ହେଲେ ବାସ୍ତବତା ହେଉଛି ପଞ୍ଜୁରୀ ଭିତର ଶୁଆର ଚିତ୍ର ଚରିତ୍ର ସବୁ ବଦଳିଯାଇଛି । ଏବେ ତାହା ଲଣ୍ଡ୍ରି ବ୍ୟାଗ୍‌ରେ ପରିଣତ ହୋଇଯାଇଛି । ୱାସିଂମେସିନ୍‌କୁ ଯିବା ପୂର୍ବରୁ ଲଣ୍ଡ୍ରି ବ୍ୟାଗରେ ସବୁ ମଇଳା ପୋଷାକ ରହିଥାଏ । ଠିକ୍ ସେମିତି ଏବେ ସିବିଆଇ, ଇଡ଼ି ଓ ଆଇଟି ଦୁର୍ନୀତିଗ୍ରସ୍ତଙ୍କୁ ଧରୁଛନ୍ତି ସତ, କିନ୍ତୁ ଯିଏ ବିଜେପିକୁ ଯାଉଛନ୍ତି ତଦନ୍ତ ସେଇଠି ଅଟକି ଯାଉଛି । ସେଥିପାଇଁ ବିଜେପିକୁ ବିରୋଧୀମାନେ ୱାସିଂମେସିନ୍ କହିବା ଆରମ୍ଭ କରିଦେଲେଣି । ପ୍ରତିପକ୍ଷକୁ ଡରାଇ ଧମକାଇ ଚୁପ୍ କରିବା, ବଶୀଭୂତ କରି ନିଜ ଆଡ଼କୁ ଟାଣିବା ପାଇଁ ସରକାରଙ୍କ ପାଖରେ ଯେଉଁସବୁ ଅମୋଘ ଅସ୍ତ୍ର ରହିଛି, ସେଗୁଡ଼ିକ ହେଉଛି ସିବିଆଇ, ଇଡ଼ି ବା ଆଇଟି ଭଳି କେନ୍ଦ୍ରୀୟ ସଂସ୍ଥା । ଉପା ସରକାର ଅମଳରେ କଂଗ୍ରେସ ଯେମିତି ତାହାକୁ ବ୍ୟବହାର କରୁଥିଲା ଏବେ ଏନଡ଼ିଏ ସରକାରରେ ବି ବିଜେପି ସେମିତି ବ୍ୟବହାର କରୁଛି ।

ସିବି

ପ୍ରତିପକ୍ଷଙ୍କ ଉପ
ରାଜସ୍ଥାନ, ମହ
କନସେଣ୍ଟ ପ୍ରତ
ଅବଶ୍ୟ ପରେ କି



# ଦିଦି-ଇଡ଼ି ଭିଡ଼ାଭିଡ଼ି



ଜାନୁଆରୀ ୮ । ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ କରାଗଲା। ହଠାତ୍ ଆଇ ପ୍ୟାକ୍ କାର୍ଯ୍ୟାଳୟରେ ପହଁଚିଗଲେ ମମତା ବାନାର୍ଜୀ। ପଶ୍ଚିମବଙ୍ଗ ପୁଲିସ୍ ମଧ ଇଡ଼ି ଅଧିକାରୀମାନଙ୍କୁ ଅଟକାଇଦେଲେ । ମମତା ଅଫିସରୁ କାଗଜପତ୍ର ନେଇଗଲେ। ଯାହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟିହୋଇଛି। ଅତୀତରେ କୌଣସି କାର୍ଯ୍ୟାଳୟରେ ଇଡ଼ି ଚଢ଼ାଉ ବେଳେ ମୁଖ୍ୟମନ୍ତ୍ରୀ ନିଜେ ଯାଇ ଏମିତି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିନଥିଲା। ଦିଦିଙ୍କ ଏମିତି ଆଚରଣକୁ ନେଇ ପ୍ରଶଂସା ଓ ନିନ୍ଦା, ମିଶାମିଶି ପ୍ରତିକ୍ରିୟା ଦେଖିବାକୁ ଓ ଶୁଣିବାକୁ ମିଳିଛି । ମମତା ସବୁବେଳେ ଆଇନକୁ ହାତକୁ ନେଉଥିବାରୁ ଅନେକ ନିନ୍ଦା କରିବା ସ୍ୱାଭାବିକ। ହେଲେ ଆଇପ୍ୟାକରେ ହିଁ ମମତାଙ୍କ ଜୀବନନାଟିକା ରହିଛି । ୨୦୨୬ ନିର୍ବାଚନ ପାଇଁ ପ୍ରତୀକ ଜୈନଙ୍କ ଆଇ-ପ୍ୟାକ ହିଁ ଅଙ୍କ କଷୁଛି। ଯେଉଁଠି ତୃଣମୂଳ କଂଗ୍ରେସର ସବୁ ରଣନୀତି ସଂକ୍ରାନ୍ତୀୟ କାଗଜପତ୍ର ରହିଥିଲା । ଦଳର ସର୍ଭେ, ପ୍ରାର୍ଥୀ ଚୟନ ଠାରୁ ନେଇ ଅନେକ ଗୁପ୍ତ ରଣନୀତି ସଂକ୍ରାନ୍ତୀୟ ତଥ୍ୟ ରହିଥିଲା । ସେଇସବୁ ତଥ୍ୟ ବିଜେପି ହାତରେ ଲାଗିଗଲେ ମମତା ଓ ଟିଏମସିର ସବୁ ଅଙ୍କ ଗୋଳମାଳ ହୋଇଯାଇଥା'ନ୍ତା ।

## ପ୍ରତୀକ୍ ଜୈନ କିଏ ?

ଆଜିକା ଦିନରେ ଆଇ-ପ୍ୟାକ୍ ହେଉଛି ଦେଶର ସବୁଠାରୁ ସଫଳ ରାଜନୀତିକ ରଣନୀତିକାର ସଂସ୍ଥା । ଏକଦା ପ୍ରଶାନ୍ତ କିଶୋର ଏହାର ନେତୃତ୍ୱ ନେଉଥିଲେ। ସେ ସକ୍ରିୟ ରାଜନୀତିକୁ ଯିବା ପରେ ପ୍ରତୀକ ଜୈନ୍ ଏହାର ମଙ୍ଗ ଧରିଛନ୍ତି । ଖାଲି ପଶ୍ଚିମବଙ୍ଗର ଟିଏମସି ବା ମମତାଙ୍କ ପାଇଁ ନୁହେଁ, ଅତୀତରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂହ, ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ ଏସ ଜଗମୋହନ ରେଡ୍ଡୀଙ୍କ ୱାଇଏସଆର, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟି, ନରେନ୍ଦ୍ର ମୋଦି ଓ ବିଜେପି ପାଇଁ ବି ସେ ରଣନୀତି କରିସାରିଛନ୍ତି। ମମତା ଓ ଅଭିଷେକଙ୍କ ସହ ଗୋପନରେ ପ୍ରତୀକ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ରଣନୀତି କରୁଥିଲେ। ତେବେ ମନିଲଣ୍ଡରିଂ ମାମଲାରେ ପ୍ରତୀକ ଛନ୍ଦି ହୋଇଯାଇଥିବାରୁ ଚଢ଼ାଉ ହୋଇଛି ।

## କାହିଁକି କହୁଛନ୍ତି ୱାସିଂମେସିନ୍ ?

୨୦୧୪ରୁ ୨୦୨୪ ମଧ୍ୟରେ କେନ୍ଦ୍ରୀୟ ଏଜେନ୍ସୀ ଦେଶର ୨୫ ପ୍ରଭାବଶାଳୀ ନେତାଙ୍କ ଉପରେ ଚଢ଼ାଉ କରିଥିଲା। ଯାହାକୁ ନେଇ ବିଜେପି ପ୍ରତିପକ୍ଷଙ୍କୁ ଦୁର୍ନୀତିଗ୍ରସ୍ତ କହି ସମାଲୋଚନା କରୁଥିଲା। ହେଲେ ସେମାନଙ୍କ ମଧ୍ୟରୁ ୨୩ ଜଣ ବିଜେପିରେ ମିଶିଯିବାରୁ ଆଉ ତଦନ୍ତ ଆଗକୁ ବଢ଼ିନଥିଲା। ୩ଟି ମାମଲା ବନ୍ଦ ହୋଇଥିବାବେଳେ ୨୦ ମାମଲାରେ ତଦନ୍ତ ଅଟକିଯାଇଛି। ସେମାନଙ୍କ ମଧ୍ୟରେ କଂଗ୍ରେସର ୧୦ ନେତା, ଏନସିପିର ୪ ନେତା, ଶିବସେନାର ୪ ନେତା, ତୃଣମୂଳ କଂଗ୍ରେସର ୩ ନେତା, ଟିଡ଼ିପିର ୨ ନେତା, ଏସପିର ଜଣେ ଓ ୱାଇଏସଆରର ଜଣେ ଅଛନ୍ତି। ଉପା ସରକାର ଅମଳରେ ବି ସମର୍ଥନ ପାଇବା ପାଇଁ ମାୟାବତୀ ଓ ମୁଲାୟମ ଯାଦବଙ୍କ ଉପରେ ଚଢ଼ାଉର ନଜିର ରହିଛି ।

**ଅଜିତ୍ ପାୱାର**
ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ (ମହାରାଷ୍ଟ୍ର ଷ୍ଟେଟ କୋଅପରେଟିଭ ବ୍ୟାଙ୍କ ଓ ମହାରାଷ୍ଟ୍ର ଜଳସେଚନ ଦୁର୍ନୀତି)

**ପ୍ରଫୁଲ୍ଲ ପଟେଲ**
ରାଜ୍ୟସଭା ସାଂସଦ (ଏୟାର ଇଣ୍ଡିଆର ୧୧୧ ବିମାନ କିଣା ଦୁର୍ନୀତି)

**ଶୁଭେନ୍ଦୁ ଅଧିକାରୀ**
ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା (ନାରଦ ଷ୍ଟିଙ୍ଗ ଅପରେସନ)

**ହିମନ୍ତ ବିଶ୍ୱଶର୍ମା**
ଆସାମ ମୁଖ୍ୟମନ୍ତ୍ରୀ (ଶାରଦା ଚିଟଫଣ୍ଡ ସ୍କାମ୍)

**ପ୍ରତାପ ସରନାଏକ**
ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ (ସିକ୍ୟୁରିଟି ଫାର୍ମ ସହ ନିଜ କମ୍ପାନୀର ଡିଲ୍)

**ହସନ ମୁଶ୍ରିଫ୍**
ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ (କୋହ୍ଲାପୁର ଚିନି କାରଖାନା ଦୁର୍ନୀତି)

**ଭାବନା ଗୱାଲି**
ଶିବସେନା ସାଂସଦ (ଟ୍ରଷ୍ଟ ଦ୍ୱାରା ବେଆଇନ୍ ଟଙ୍କା କାରବାର)

**ଶୋଭନ ଚାଟାର୍ଜୀ**
ନାରଦ ଷ୍ଟିଙ୍ଗ ଅପରେସନରେ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ବିଜେପିରେ ମିଶିବା ପରେ କେଶ୍ ଶିଥିଳ ହୋଇଗଲା । ତେବେ ଟିକେଟ୍ ନମିଳିବାରୁ ସେ ପୁଣି ବିଜେପି ଛାଡ଼ିଦେଲେ । ପରେ ତାଙ୍କୁ ସିବିଆଇ ଗିରଫ କରି ଚାର୍ଜସିଟ୍ ଦାଖଲ କଲା ।

**ଛଗନ ଭୁଜବଳ**
ମହାରାଷ୍ଟ୍ର ମନ୍ତ୍ରୀ

**ଦିଗମ୍ବର କାମାତ୍**
ପୂର୍ବତନ ଗୋଆ ମୁଖ୍ୟମନ୍ତ୍ରୀ

**ଅଶୋକ ଚଭନ**
ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ (ଆଦର୍ଶ ହାଉସିଂ ସ୍କାମ୍)

**ରଣିନ୍ଦର ସିଂ**
ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଅମିରିନ୍ଦରଙ୍କ ପୁଅ

**ସଂଜୟ୍ ସେଠ୍**
ରାଜ୍ୟସଭା ସାଂସଦ (ଆୟକର ଫାଙ୍କିଥିବା ଅଭିଯୋଗ)

**ଯାମିନୀ ଓ ଯଶୱନ୍ତ ଯାଦବ, ଜ୍ୟୋତି ମିର୍ଦ୍ଧା, ୱାଇଏସ ଚୌଧୁରୀ, ସିଏମ ରମେଶ, କେ ଗୀଥା ଓ ତାଙ୍କ ସ୍ୱାମୀ ପି. ରାମାକୋଟଶ୍ୱରାଓ**

(କିଛି ନେତାଙ୍କ ନାମରେ ଥିବା ମାମଲା ସଂକ୍ରାନ୍ତରେ ତଦନ୍ତ ଶିଥିଳ ହୋଇଯାଇଛି। କୋର୍ଟ କିଛି ନେତାଙ୍କୁ ଆଶ୍ୱସ୍ତ କରିଥିଲେବି ଇଡ଼ି, ସିବିଆଇ ପକ୍ଷରୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇନାହିଁ । ସିବିଆଇ ଓ ଇଡ଼ିର ଆଭିମୁଖ୍ୟ ଦେଖିଲେ ମନେହୁଏ ସତେଯେମିତି କିଛି ଘଟିନଥିଲା । ଆମେ କିଛି ନେତାଙ୍କ ନାମ ଦେଇଛୁ, ଏମିତି ଅନେକ ନେତାଙ୍କ ସଂକ୍ରାନ୍ତରେ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା)

## ...ଆଇ ଉପରେ କଟକଣା

...ରେ ସିବିଆଇ ଘନ ଘନ ଚଢ଼ାଉ କରୁଥିବାରୁ ଅତୀତରେ ମିଜୋରାମ୍, ପଶ୍ଚିମବଙ୍ଗ, ...ରାଷ୍ଟ୍ର, ଛତିଶଗଡ଼, କେରଳ ଓ ଝାରଖଣ୍ଡ ସରକାର ସିବିଆଇ ଠାରୁ ଜେନେରାଲ ...ାହାର କରିନେଇଥିଲେ । ଅତଏବ ସିବିଆଇ ଉପରେ କଟକଣା ଲାଗିଥିଲା। ...ିଛି ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହି କଟକଣା ହଟି ଯାଇଥିଲା ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

## ଲକ୍ଷ୍ମୀପୁରରୁ ତିନି ଦଳର ସଭାପତି

# ଫୋକସ୍‌ରେ ସଂଗଠନ ନା ଠନଠନ

**ରାୟଗଡାରୁ ଟି.ଅଶୋକ କୁମାର**







ଧିରେଧିରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୈତିକ ଉଷ୍ମତା ବଢୁଛି । ସେପଟେ ତିନି ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରସ୍ତୁତି ଜାରି ରଖିଥିବାବେଳେ ଏଇ କିଛି ଦିନ ତଳେ ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ବିଜେପି ସାଂଗଠନିକ ସ୍ଥିତି ମଜବୁତ ପାଇଁ ଜିଲ୍ଲା ସଭାପତି ଚୟନ ସହ ଜିଲ୍ଲା କମିଟି ଗଠନ କରିଛି ।

ଯଦି କୋରାପୁଟ ଜିଲ୍ଲାର କଥା କହିବା ତେବେ ଆଶ୍ଚର୍ଯ୍ୟଜନକ ବା ସଂଯୋଗବଶତଃ ଜିଲ୍ଲା ସଭାପତିମାନେ ଗୋଟିଏ ଅଞ୍ଚଳର। ଅର୍ଥାତ ଜିଲ୍ଲାର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର। ଜିଲ୍ଲା କଂଗ୍ରେସର ସଭାପତି ହେଉଛନ୍ତି ରୂପକ ତୁରୁକ, ଜିଲ୍ଲା ବିଜେଡି ସଭାପତି ହେଉଛନ୍ତି ପୂର୍ବତନ ବିଧାୟକ ତଥା ସାଂସଦ ଝିନ ହିକ୍କା। ସେହିପରି ଜିଲ୍ଲା ବିଜେପି ସଭାପତି ହେଉଛନ୍ତି ଶିବ ମୁଦୁଲି । ଏହି ତିନି ଜିଲ୍ଲା ସଭାପତିଙ୍କ ଘର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ। ଜିଲ୍ଲାରେ ଦଳୀୟ ସାଂଗଠନିକ ସ୍ଥିତି ସୁଦୃଢ଼ ପାଇଁ ଠନ ଠନ ଗୋପାଳର ଅବଶ୍ୟକତା ରହିଛି । ଏବେ ରାୟଗଡା ଓ କୋରାପୁଟ ଜିଲ୍ଲା ଉପରେ ବଡ ବଡ ଶିଳ୍ପପତିଙ୍କ ନଜର ରହିଛି। ରାୟଗଡା ଜିଲ୍ଲାର କାଶୀପୁର ଓ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଖଣି ଖାଦାନ ଅଞ୍ଚଳ ହେତୁ ଏବେ ବଡ ବଡ ଶିଳ୍ପସଂସ୍ଥା ଆଦାନୀ, ବେଦାନ୍ତ ସହ ଉତ୍କଳ ଆଲୁମିନା କମ୍ପାନୀ ଡେରା ପକେଇଛନ୍ତି।

### ଖଣି ଅଞ୍ଚଳରେ ତେଜୁଛି ଅସନ୍ତୋଷ

କାଶୀପୁର ଠାରେ ଉତ୍କଳ ଆଲୁମିନା କମ୍ପାନୀ ପ୍ରତିଷ୍ଠା ହୋଇଥିଲେ ବି ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି କିମ୍ବା ବିକାଶ କ୍ଷେତ୍ରରେ ଏହାର ବିଶେଷ ଅବଦାନ ନାହିଁ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ କେତେ କଣ ଆନ୍ଦୋଳନ ହେଲେ ବି ଲୋକେ କ୍ଷତି ସହୁଛନ୍ତି। କିନ୍ତୁ କମ୍ପାନୀ ଆଉ ରାଜନେତାମାନେ ବିନ୍ଦାସରେ ଅଛନ୍ତି। ସେହିପରି ପ୍ରସ୍ତାବିତ ସିଜିମାଳି ଓ କୁଟ୍ରୁମାଳି ଖଣି ଖନନ ପାଇଁ ବେଦାନ୍ତ ଓ ଆଦାନୀ ଗ୍ରୁପ ପ୍ରୟାସ ଜାରି ରଖିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଖଣି ଖନନ ପାଇଁ ଗାଁ ଗାଁରେ ବିରୋଧ ଜାରି ରହିଛି। ଏପରିକି କଂସାରୀଗୁଡା ଠାରେ ଶିଳ୍ପ ନିମନ୍ତେ ଦୀର୍ଘ ୧୪ ବର୍ଷରୁ ଅଧିକ ଦିନ ହେଲାଣି ସ୍ଥାନୀୟ ଆଦିବାସୀଙ୍କ ଜମି ଅଧିଗ୍ରହଣ ହୋଇଥିଲେ ବି ଏଯାଏଁ କୌଣସି ଶିଳ୍ପ ହୋଇପାରିନି। ଯାହାକୁ ନେଇ ଅସନ୍ତୋଷ ରହିଛି। ଏହାସହ ଲକ୍ଷ୍ମୀପୁର ଠାରେ କୋଡିଙ୍ଗାମାଳି ଖଣିରୁ ଖଣି ଖନନରେ ଅସନ୍ତୋଷ ଜାରି ରହିଛି। ହେଲେ ଖଣି ଖନନ ସଂସ୍ଥା ନା ପ୍ରଶାସନ ନା ରାଜନୈତିକ ଦଳର ନେତା କେହିବି କର୍ଣ୍ଣପାତ କରୁନାହାନ୍ତି। ସେପଟେ ଖଣି ଖନନ ସଂସ୍ଥା ପ୍ରଶାସନ ଓ ତିନି ପ୍ରମୁଖ ରାଜନୈତିକ ଦଳ ସହ ସମନ୍ୱୟ ରକ୍ଷା କରି ତାର ଟାର୍ଗେଟ ପୂରଣ କରୁଛି । ଅପରପକ୍ଷରେ ଏବେବି ଖଣିଖନନ ଦ୍ୱାରା ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଶିଳ୍ପ ସଂସ୍ଥାଙ୍କ ସହ ସମନ୍ୱୟ ରଖି ଲୋକଙ୍କ ବିରୋଧାଭାସକୁ ମ୍ୟାନେଜ୍ କରିବା ପାଇଁ ତିନି ଦଳ ଏ ଅଞ୍ଚଳର ନେତାଙ୍କୁ ଜିଲ୍ଲା ମୁଖିଆ ଦାୟିତ୍ୱ ଦେଇଛନ୍ତି ।

ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ ଜଣେ ଯୁବ ସଂଗଠକ। ଛାତ୍ର କଂଗ୍ରେସରୁ ନିଜର କ୍ୟାରିଅର ଆରମ୍ଭ କରି ଯୁବ କଂଗ୍ରେସ ସହ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ମଧ୍ୟ ଥିଲେ। ସେହିପରି ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକ୍କା ପ୍ରଥମେ ଲକ୍ଷ୍ମୀପୁରରୁ ବିଧାୟକ ହୋଇଥିବାବେଳେ ପରେ କୋରାପୁଟ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଏବେ ସେ ତୃତୀୟ ଥର ପାଇଁ ଜିଲ୍ଲା ସଭାପତି ହୋଇଛନ୍ତି । ସେମିତି ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ୨୦୧୪ରେ ପ୍ରଥମ ଥର ପାଇଁ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ହୋଇଥିଲେ। ଏବେ ଶିବଙ୍କୁ ଦଳ ଜିଲ୍ଲା ସଭାପତି ଦାୟିତ୍ୱ ଦେଇଛି। ଏବେ ଦେଖିବାର କଥା ଏହି ତିନି ଜିଲ୍ଲା ସଭାପତି ଦଳର ଲକ୍ଷ୍ୟ ପୂରଣ କରିବେ ତ? ନିଜର ନେତୃତ୍ୱକୁ ଶାଣିତ କରିପାରିବେ ତ?

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ଯୁବ ଓ ମହିଳା ମୋର୍ଚ୍ଚା ପାଇଁ ଛକାପଞ୍ଝା







ମନମୋହନ ସାମଲ ପୁଣି ଥରେ ରାଜ୍ୟ ସଭାପତି ହୋଇସାରିଲେଣି । ରାଜ୍ୟ ମହିଳା ଓ ଯୁବମୋର୍ଚ୍ଚା ସଭାପତି ବି ନିଯୁକ୍ତି ହୋଇସାରିଲେଣି। ହେଲେ ଏଯାଏଁ ବିଭିନ୍ନ ଜିଲ୍ଲାରେ ମହିଳା ଓ ଯୁବ ମୋର୍ଚ୍ଚାର ସଭାପତି ବା ସଭାନେତ୍ରୀ ଘୋଷଣା କରାଯାଇ ପାରିନାହିଁ।

ମହିଳା ଓ ଯୁବମୋର୍ଚ୍ଚାର ମଙ୍ଗ ଧରିବାକୁ ଏବେ କୋରାପୁଟ ବିଜେପିରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସେପଟେ ଦଳ ମଧ୍ୟ ଦୃଢ ନେତୃତ୍ୱ ଦେବା ପାଇଁ ଯୋଜନା କରିଛି। କାହିଁକିନା ଦଳ ଏକାକୀ ସରକାର ଗଠନ କରିଥିଲେ ବି କୋରାପୁଟ ଜିଲ୍ଲାରେ ସରକାରଙ୍କ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାରେ ବିଫଳ ହୋଇଛି। କୋରାପୁଟ ଲୋକସଭାରେ କୋରାପୁଟ ସାଂସଦ ସହ ୫ କଂଗ୍ରେସ ବିଧାୟକ, ଦୁଇ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି । ଅତଏବ କଂଗ୍ରେସର ପଲା ଭାରିଥିଲେବି ବିଜେପି ପାଇଁ ସୁଯୋଗ ରହିଛି କହିଲେ ଭୁଲ୍ ହେବନାହିଁ।

ଜିଲ୍ଲାରେ ବିଜେପି ଯୁବମୋର୍ଚ୍ଚା ସଭାପତି ରେସରେ ତିନି ଜଣ ରହିଛନ୍ତି । ସେମାନେ ହେଲେ ଜୟପୁର ନିର୍ବାଚନ ମଣ୍ଡଳୀରୁ ରବୀନ୍ଦ୍ର ମହାପାତ୍ର, ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରୁ ଭଗବାନ ମୁଦୁଲି ଓ କୋରାପୁଟ ନିର୍ବାଚନମଣ୍ଡଳୀରୁ ବିଧାୟକ ରଘୁରାମ ମାଛଙ୍କ ପୁଅ ତଥା ଯୁବ ଇଞ୍ଜିନିୟର ସୌମ୍ୟରଞ୍ଜନ ମାଛ। ରବୀନ୍ଦ୍ର ମହାପାତ୍ର ଜଣେ ଯୁବ ସଂଗଠକ ସହ କଂଗ୍ରେସରୁ ରାଜନୀତିକ କ୍ୟାରିୟର ଆରମ୍ଭ କରିଥିଲେ। ଏପରିକି ରବୀନ୍ଦ୍ର କୋରାପୁଟ ଲୋକସଭା ଯୁବ କଂଗ୍ରେସ ସଭାପତି ସହ ଏଆଇସିସି ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେବି କିଛିଦିନ ଦଳୀୟ ରାଜନୀତିରୁ ଦୂରେଇ ଯାଇ ଗତ ପୌର ନିର୍ବାଚନରେ ସ୍ୱାଧୀନ ଭାବେ ଅଧକ୍ଷ ଭାବେ ଲଢ଼େଇ କରି ଲୋକଲୋଚନକୁ ଆସିଥିଲେ। ସେହିପରି ଭଗବାନ ମୁଦୁଲି ହେଉଛନ୍ତି ତୃଣମୂଳ ସ୍ତରୀୟ ସଂଗଠକ। ଏକାଧିକବାର ସରପଞ୍ଚ ହୋଇ ଜିଲ୍ଲାରେ ନିଜର ଉପସ୍ଥିତ ଜାହିର କରିବା ସହ କୋରାପୁଟ ଜିଲ୍ଲା ସରପଞ୍ଚ ସଂଘ ସଭାପତି ହୋଇଛନ୍ତି। ଏପରିକି ଗତ ୨୦୨୪ ସାଧାରଣ ନିର୍ବାଚନରେ କୋରାପୁଟ ଲୋକସଭା ସାଂସଦ ପାଇଁ ଆଶାୟୀ ଥିଲେ । ଶେଷ ସମୟରେ ଦଳୀୟ ନିଷ୍ପତ୍ତିକୁ ଗ୍ରହଣ କରି ସଂଗଠନ ଜାରି ରଖିଛନ୍ତି। ସୌମ୍ୟରଂଜନ ମାଛ ହେଉଁଛନ୍ତି ଜଣେ ଯୁବ ଇଞ୍ଜିନିୟର ସହ ଦଳୀୟ ସଂଗଠନରେ ସକ୍ରିୟ ଅଛନ୍ତି। ସେହିପରି ମହିଳା ବିଜେପି ସଭାପତି ପାଇଁ ପୁଣି ରେସ୍‌ରେ ଆଗରେ ଅଛନ୍ତି ବର୍ତ୍ତମାନର ସଭାପତି ସ୍ୱାତୀ ହୋତା। ବରିଷ୍ଠ ବିଜେପି ନେତ୍ରୀ ସୁରଭି ପାଣି ଓ ସବିତା କୁମାରୀ ପ୍ରଧାନ। ସବିତା ପୂର୍ବରୁ ବିଜେପି ମହିଳା ମୋର୍ଚ୍ଚାର ସଭାପତି ମଧ୍ୟ ଥିଲେ। ତେବେ ଦଳ କାହା ହାତରେ ମଙ୍ଗ ଧରାଇବ ତାହା ଉପରେ ନଜର ରହିଛି।

## 'ପ୍ରଦୂଷଣ' ରାଜନୀତି

# ଫାଇନ୍ ଆଦାୟ୍ ପାଇଁ ସରକାର ବିକଳ

**ଶହ ଶହ କୋଟିର ଜଳକର ଆଦାୟ ହୋଇପାରୁନି । ହଜାର ହଜାର କୋଟିର ବିଜୁଳି କର ବି ଛାଡ଼ ହୋଇଯାଉଛି । କେତେ କମ୍ପାନୀ କେତେ ପ୍ରକାର ଟିକସ ବାକି ପକାଇଛନ୍ତିଯେ, ତା'ର ହିସାବ ନାହିଁ । ହେଲେ ସରକାର କିନ୍ତୁ ଗାଡ଼ି ଚାଳକଙ୍କ ପଛରେ ପଡ଼ିଛନ୍ତି । କିଏ ହେଲମେଟ ପିନ୍ଧିନଥିଲା ତ କିଏ ସିଟ୍ ବେଲ୍ଟ ବାନ୍ଧିନଥିଲା । ଏମିତିବି ନୂଆ ଗାଡ଼ିରେ ପଲ୍ୟୁସନ ଠିକ୍‌ଠାକ୍ ଥିଲେବି କାହିଁକି କରିନ, ଡେରିରେ କାହିଁକି କଲ ବୋଲି ବି ଫାଇନ୍ । ଏତେ ଫାଇନ୍ ଯେ, ଗାଡ଼ି ଚାଳକଙ୍କ ମୁଣ୍ଡ ଗୋଲ୍ ହୋଇଯାଇଛି । ବିଜେଡ଼ି ହେଉକି ବିଜେପି ଅବା କଂଗ୍ରେସ କର୍ମୀ, ସମସ୍ତେ ଏହାକୁ ନେଇ ଅସନ୍ତୁଷ୍ଟ । ବିଜେଡ଼ି ଆଉ କଂଗ୍ରେସ କର୍ମୀ ସିଧା ଅସନ୍ତୋଷ ଝାଡୁଥିଲେବି ବିଜେପି କର୍ମୀ କହିବେ ବା କାହାକୁ ?**

## ଚିନୁ ଓ ଇପ୍ସିତାଙ୍କ ଫୁଲଗଛ

ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବାବେଳେ ଏହା ବିରୋଧରେ ଗର୍ଜିଛନ୍ତି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ । ଆରଟିଓ ଅଫିସ ସାମ୍ନାରେ ବିଜେଡ଼ି ଏନେଇ ପ୍ରତିବାଦ କରିଥିଲା । ଆରଟିଓ ଅଧିକାରୀ ଓ କର୍ମଚାରୀଙ୍କୁ ଫୁଲ ଗଛ ଦେଇ ଏଭଳି ନିୟମକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ପଲ୍ୟୁସନ ସାର୍ଟିଫିକେଟ୍ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ୍ ପଇଠ ନହେବା ପର୍ଯ୍ୟନ୍ତ ପଲ୍ୟୁସନ ସାର୍ଟିଫିକେଟ୍ ନଦେବା ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ବିଜେଡ଼ି ସରକାରଙ୍କ ନିକଟରେ ଦାବି କରିଛି । ଯଦି ସରକାର ଦାବି ନମାନନ୍ତି ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ବିଜେଡ଼ି ଚେତାବନୀ ବି ଦେଇଛି । ସରକାରଙ୍କୁ କଟାକ୍ଷ କରି ଚିନୁ କହିଛନ୍ତିଯେ, ସରକାର ଏବେ ଲୋକଙ୍କୁ ଧାଡ଼ିରେ ଠିଆ କରି ହନ୍ତସନ୍ତ କରାଇବାରେ ଆନନ୍ଦ ପାଉଛନ୍ତି । ସୁଭଦ୍ରା ଯୋଜନା ହେଉକି ରାସନ୍, ଧାନମଣ୍ଡି ହେଉ ଅବା ପିୟୁସିସି ପାଇଁ ଲୋକଙ୍କୁ ସରକାର ଧାଡ଼ିରେ ଠିଆ କରାଉଥିବାରୁ ଲୋକେ ଅତିଷ୍ଠ ହୋଇଗଲେଣି ।






## ଯୁବ କଂଗ୍ରେସର ସାଇକେଲ୍ ପ୍ରତିବାଦ

ଯୁବ କଂଗ୍ରେସ ପକ୍ଷରୁ ସାଇକେଲ ଚଳାଇ ଅଭିନବ ପ୍ରତିବାଦ କରାଯାଇଥିଲା । ଗାଡ଼ି ଚଳାଇଲେ ଫାଇନ୍ ଗଣିବାକୁ ପଡୁଛି । ତେଣୁ ସାଇକେଲ ଚଳାଇବା ଏକମାତ୍ର ବାଟ ବୋଲି ଯୁବ କଂଗ୍ରେସ କହିଛି । ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା । ଯେଉଁଥିପାଇଁ ପୁଲିସ ସହ ଧସ୍ତାଧସ୍ତି ହୋଇଥିଲା । ବିଶେଷକରି ପ୍ରଦ୍ୟୁଷଣ ପ୍ରମାଣପତ୍ର ସହିତ ଫାଇନକୁ ଯୋଡିବାକୁ କେହି ଗ୍ରହଣ କରିପାରୁନାହାନ୍ତି । ଯଦି ଗାଡ଼ି ପାଇଁ ପ୍ରଦୂଷଣ ହେଉଛି, ତେବେ ତାଳଚେର, ଅନୁଗୁଳ, ବାରିପଦା, ବାଲେଶ୍ୱର, ଝାରସୁଗୁଡା, ରାଉରକେଲା, ଯାଜପୁର ଆଦି ସହର କିଭଳି ଦେଶରେ ଅଧିକ ପ୍ରଦ୍ୟୁଷିତ ସହର ହେଲା ବୋଲି କଂଗ୍ରେସ ଭଲ ପ୍ରଶ୍ନଟିଏ କରିଛି । ଆଗାମୀ ଦିନରେ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟର ସମସ୍ତ ଆରଟିଓ ଅଫିସ୍ ସାମ୍ନାରେ ବିକ୍ଷୋଭ କରାଯିବ ବୋଲି କଂଗ୍ରେସ ଚେତାବନୀ ଦେଇଛି ।

# ଧାମନଗର ଉପରେ ମନମୋହନଙ୍କ ଆଖି

ଆଜ୍ଞା, ଆଜିକାଲି ତ ବଡ଼ ବଡ଼ ମିଡ଼ିଆର ଆଖି ଶଙ୍ଖୁଆଙ୍କ ଉପରେ । ଦି ଜଣ ଶଙ୍ଖୁଆ ଗପସପ ହୋଇଗଲେ ସାଙ୍ଗେସାଙ୍ଗେ କଳି, ମେଳି କେତେକଥା ଲେଖାହେଉଛି । ହେଲେ ଫୁଲଦଳିଆ ନେତା ମେଳି ହେଲେ ମଉଜ ବୋଲି କୁହାଯାଉଛି । ସବୁବେଳେ ମିଡ଼ିଆ ବାଲା ବିଜେଡ଼ି ଗୋଷ୍ଠୀକନ୍ଦଳ କଥା ଦେଖାଉଛନ୍ତି । ହେଲେ ବିଜେପି ବେଳକୁ ପାଟି ଖନି ମାରିଯାଉଛି । ଯେଉଁଥିପାଇଁ ବିଜେଡ଼ି କର୍ମୀଙ୍କ ମନ ଭାରି ଦୁଃଖ । ସାମାଜିକ ଗଣମାଧ୍ୟମରେ ବି ସେମାନେ ମିଡ଼ିଆ ଉପରେ ରବେଇଖବେଇ ହେଉଛନ୍ତି । ଅବଶ୍ୟ ବିଜେଡ଼ିଆଙ୍କ କଥାରେ ସତ୍ୟତା ରହିଛି ।

ଆପଣ ଟିକେ ଧାମନଗର ଆଡ଼େ ମାଡ଼ିଆସିଲେ ବିଜେପିର ଅବସ୍ଥା ଦେଖି ଆପେଆପେ ସବୁ ବୁଝିଦେବେ । ଅବଶ୍ୟ ଆମେ ତ ସବୁବେଳେ ଭଦ୍ରକ ବିଜେଡ଼ି ଯୁଦ୍ଧ ଉପରେ ଫୋକସ କଲେ, ତେଣୁ ବିଜେପି ବାଦିପାଲା ଦେଖିବାକୁ ସମୟ ବା କାହିଁ ? ଆଜିକାଲି ସାରା ରାଜ୍ୟର ପଲଟିକାଲ ସ୍ଥିତି 'ଗର୍ବିତ ଓଡ଼ିଆ' ପରଖିବାର ଚେଷ୍ଟା କରୁଛି । ଧାମନଗର ସ୍ଥିତି ପରଖିବା ବେଳେ ପ୍ରଥମେ ପ୍ରଥମେ ଆଦୌ ପରତେ ଗଲାନି । ଭାବିଥିଲୁ, ରାଜ୍ୟର ବିଜେପି ମଣି ମନମୋହନ ସାମଲଙ୍କ ଘର ଭଦ୍ରକରେ, ସେପଟେ ଅର୍ଜ୍ଜୁନ ନନ୍ଦନ ଅଭିମନ୍ୟୁ ସେଠୀ ବି ସାଂସଦ । ଆଉ ଯୁବ ତଥା ଲୋକପ୍ରିୟ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ବି ସେଇ ଏରିଆର । ତିନି ନେତା ମିଶିକି ତ ବିଜେପିକୁ ଆଗେଇ ନେଉଥିବେ । ଗୋଷ୍ଠୀକନ୍ଦଳ ବି ନଥିବ । ହେଲେ ଆଜ୍ଞା ପଦ୍ମଫୁଲର ଅବସ୍ଥା ପୂରା ନାରଖାର ।

ଧାମନଗର ହେଉଛି ମନ୍ତ୍ରୀ ସୂରଜଙ୍କ ଗଡ଼ । ବାପାଙ୍କ ପରେପରେ ସେ ଗଡ଼ ସମ୍ଭାଳିଛନ୍ତି । ହେଲେ ପୂର୍ବରୁ ଧାମନଗର ଗଡ଼ ସମ୍ଭାଳିଥିଲେ ମନମୋହନ । ୨୦୦୯ରେ ଧାମନଗର ସଂରକ୍ଷଣ ହୋଇଯିବାରୁ ମନମୋହନ ବାବୁ ଚାନ୍ଦବାଲିରୁ ଭଣ୍ଡାରିପୋଖରୀ ବୁଲିଥିଲେବି ବିଧାନସଭାକୁ ଯାଇପାରିନାହାନ୍ତି । ୨୦୨୯ ବେଳକୁ ସୀମା ପୁନଃନିର୍ଦ୍ଧାରଣ ହେବ । କାଳେ ଧାମନଗର ସାଧାରଣ





ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଯିବ ସେହି ଆଶାରେ ମନମୋହନ ଏବେ ଧାମନଗର ଉପରେ ନଜର ରଖିଛନ୍ତି । ଏମିତିବି ରାଜ୍ୟ ବିଜେପିର ମଙ୍ଗ ଧରିଥିବାରୁ ସବୁ ଆଡ଼େ ତାଙ୍କର ନଜର ରହିବା ସ୍ୱାଭାବିକ । ହେଲେ ଧାମନଗର ପାଇଁ ତାଙ୍କର ଗୋଟିଏ ମୋହ ଅଛି ବୋଲି ସେଠିକା ବିଜେପି କାର୍ଯ୍ୟକର୍ତ୍ତାମାନେ ଆମ ଆଗରେ ବଖାଣିଥିଲେ । ଖାଲି କ'ଣ ସେତିକିକି ଆଜ୍ଞା, ସୂରଜ କୁଆଡ଼େ ଧର୍ମେନ୍ଦ୍ର ପ୍ରଧାନଙ୍କ ଖାସ୍ ଅନୁଗତ । ଏମିତିବି ଆଜିକାଲି ଧର୍ମେନ୍ଦ୍ରଙ୍କ ଛାଇ ପଡ଼ିଲେ ମନମୋହନଙ୍କ ନାହି ଡେଉଁଛି ବୋଲି ରାଜ୍ୟ ରାଜନୀତିକ ଅଳିନ୍ଦରେ ଚର୍ଚ୍ଚା । ତେଣୁ ସୂରଜଙ୍କ ସଂଗଠନରେ କତୁରୀ ମାରି ପାନେ ଦେବାକୁ ମନମୋହନଙ୍କ ସେନା କୁଆଡ଼େ ଗୋଟି ଚଳାଉଛନ୍ତି ।

ସେପଟେ ଧାମନଗରର କିଛି ବିଜେପି ନେତା ଆଉ କାର୍ଯ୍ୟକର୍ତ୍ତାଙ୍କ ମନ ବି ବଦଳି ସାରିଲାଣି । ଆଗରୁ ଦଳ ପାୱାରରେ ନଥିବାରୁ ସେମାନଙ୍କର ଭୋକ ନଥିଲା । ହେଲେ ଏବେ ଦଳ ସରକାରରେ, ଧାମନଗର ନେତା ବି ମନ୍ତ୍ରୀ ହୋଇଛନ୍ତି, ତେଣୁ କିଛି ନେତାଙ୍କୁ ଭୋକ ପ୍ରବଳ ହେଉଛି । ଖାଲି ହାଉଁ ହାଉଁ ହୋଇ କାମଦାମ ନେବାକୁ ଟାକି ବସିଛନ୍ତି । ହେଲେ ଏତେ ଭୋକକୁ ଖାଦ୍ୟ ନଖଟ । ତେଣୁ ଗାଁ ଗାଁରେ ଏବେ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଇଛି । ଆଗକୁ ପଞ୍ଚାୟତ ନିର୍ବାଚନ । ଧାମନଗର ବ୍ଲକ ଆଉ ତିହିଡ଼ିର ୧୩ ବ୍ଲକରେ ବିଜେପି-ବିଜେପି ଲଢ଼େଇ ହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ଅବଶ୍ୟ ବିଜେଡ଼ିର ଏବେ ବାପାମା' ନଥିବା ଭଳି ଅବସ୍ଥା । ଡାକ୍ତରବାବୁ ରୋଗୀ ଚିକିତ୍ସାରେ ବ୍ୟସ୍ତ ଥିବାବେଳେ ରାଜୁ ଦାସ ଏବେ ଅସନ୍ତୋଷିଆଙ୍କ ମେଳରେ ଭୋଜି ଖାଇବାରେ ବ୍ୟସ୍ତ । ଦେଖାଯାଉ କୋଉ ପାଣି କୁଆଡ଼କୁ ଯାଉଛି ?

ଗର୍ବିତ ଓଡ଼ିଆ GARVIT ODIA

# ଜୁଏଲ୍ ବି ଅସନ୍ତୁଷ୍ଟ



ରାଜ୍ୟ ବିଜେପିର ଟାଣୁଆ ନେତା ହେଉଛନ୍ତି ଜୁଏଲ ଓରାମ୍ । ଅନେକ ବାର ସେ ରାଜ୍ୟ ବିଜେପିର ମଙ୍ଗ ବି ଧରିଛନ୍ତି । ଅଟଳ ବିହାରୀ ବାଜପେୟୀ ଓ ନରେନ୍ଦ୍ର ମୋଦିଙ୍କ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ବି କାର୍ଯ୍ୟ କରିଛନ୍ତି । ଏକାଧିକ ବାର ବିଧାୟକ ଓ ସାଂସଦ ହେବା ସହ କେନ୍ଦ୍ରୀୟ ବିଜେପିର ଅନେକ ସାଂଗଠନିକ ପଦବୀରେ ବି କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି । ତେବେ ଦଳର କାର୍ଯ୍ୟଧାରାକୁ ନେଇ ଜୁଏଲ ବି ଅସନ୍ତୁଷ୍ଟ ଅଛନ୍ତି । ଗାଏମୋଟ୍ କହିଲେ ରାଜ୍ୟ ବିଜେପିରେ ଜୁଏଲ କିମ୍ବା ତାଙ୍କ ସମର୍ଥକମାନଙ୍କୁ ଗୁରୁତ୍ୱ ମିଳୁନାହିଁ । ଯେଉଁଥିପାଇଁ ସେ ବାରବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପତ୍ର ମାଧ୍ୟମରେ ଅବଗତ କରୁଥିବା ଦେଖିବାକୁ ମିଳୁଛି ।

ବିଜେପି ଅଳିନ୍ଦରେ ଏବେ ଜୁଏଲଙ୍କ ପତ୍ରକୁ ନେଇ ଚର୍ଚ୍ଚା ଲାଗିରହିଛି । ଏବେ ରାଉରକେଲା ସାଂଗଠନିକ ଜିଲ୍ଲାର ସଭାପତି ଅଛନ୍ତି ପୂର୍ଣ୍ଣିମା କେରକେଟ୍ଟା । ଏକଦା ସେ ଥିଲେ ଜୁଏଲଙ୍କର ଏକାନ୍ତ ଅନୁଗତ । ହେଲେ ଜୁଏଲଙ୍କ କଥା ପୂର୍ଣ୍ଣିମା ବି ରଖୁନାହାନ୍ତି । ରାଉରକେଲା ବିଜେପିରେ ଏବେ ଫାଟ ସୃଷ୍ଟି ହୋଇଛି ବୋଲି ଜୁଏଲ କହିଛନ୍ତି । ପୂର୍ଣ୍ଣିମାଙ୍କ ଗୋଷ୍ଠୀ ଜୁଏଲଙ୍କ ଏବେର ଅନୁଗତ ଶଙ୍କର୍ଷଣ ଜେନାଙ୍କ କଥା ରଖୁନାହାନ୍ତି । ଜିଲ୍ଲା କମିଟି ଗଠନ ବେଳେ ଜୁଏଲଙ୍କ ଅପେକ୍ଷା ଦିଲ୍ଲୀପ ରାୟଙ୍କ ଗୋଷ୍ଠୀକୁ ପ୍ରାଧାନ୍ୟ ଦିଆଯାଉଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍ କ୍ଷୁବ୍ଧ ହେବା ସ୍ୱାଭାବିକ । ମନମୋହନଙ୍କୁ ସେ ପତ୍ର ଲେଖିଥିଲେବି ଏଯାଏଁ ସମାଧାନ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ । ଜୁଏଲଙ୍କ ଭଳି ବରିଷ୍ଠ ନେତାଙ୍କୁ କାହିଁକି ଅଣଦେଖା କରାଯାଉଛି କିମ୍ବା ତାଙ୍କ କଥାକୁ କାହିଁକି ଗୁରୁତ୍ୱ ଦିଆଯାଉନାହିଁ ସେନେଇ ବିଜେପି ଅଳିନ୍ଦରେ ଚର୍ଚ୍ଚା ଜୋରଧରିଛି ।

ଖୋର୍ଦ୍ଧା ବିଜେପି ଟିମ୍ ଗଠନ ବେଳେ ଅପରାଜିତା ଷଡ଼ଙ୍ଗୀଙ୍କ ତାଲିକାକୁ ନେଇ ଅନେକ ପୁରୁଖା ନେତା ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏମିତିକି ଦଳୀୟ କାର୍ଯ୍ୟାଳୟରେ ଏନେଇ ତୁମ୍ଭିତୋଫାନ୍ ହୋଇଥିଲା । ସାଂଗଠନିକ ସମ୍ପାଦକ ମାନସ ମହାନ୍ତି ବି ଖୁସି ନଥିଲେ । ହେଲେ ଅପରାଜିତାଙ୍କ ଚାପରେ ମନମୋହନ ତାଙ୍କ ତାଲିକା ଉପରେ ମୋହର ଲଗାଇବାକୁ ବାଧ୍ୟ ହୋଇଥିଲେ । ଦଳରେ ବିରୋଧ ସତ୍ତ୍ୱେ ଅପରାଜିତାଙ୍କ କଥା ରହୁଥିବାବେଳେ କେଉଁ ପରିପ୍ରେକ୍ଷୀରେ ଜୁଏଲଙ୍କ କଥା ରହୁନାହିଁ ତାହାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ ।

# କଟକ ରାଜନୀତିରେ ହଟଚମଟ



## ଦେବୀ ତ୍ରିପାଠୀଙ୍କ 'ଏକତା'

ଦେବୀ ତ୍ରିପାଠୀ ଥିଲେ ବିଜୁ ଛାତ୍ର ଜନତା ଦଳ ସଭାପତି। ତେଣୁ ଯୁବ ବିଜେଡ଼ି ସଭାପତିକୁ ପଦୋନ୍ନତି ପାଇବାକୁ ସେ ଆଶା ରଖିଥିଲେ। କିନ୍ତୁ ନବୀନ ବାବୁ ତ ଚିନ୍ମୟ ସାହୁଙ୍କ ହାତରେ ଯୁବ ବିଜେଡ଼ି ଦାୟିତ୍ୱ ଟେକି ଦେଇଛନ୍ତି । ସେପଟେ ଯୁବ ହେଉକି ଛାତ୍ର ଟିମରେ ଦେବୀଙ୍କ ଅନେକ ସମର୍ଥକଙ୍କୁ ସୁଯୋଗ ମିଳିନି। ଏମିତିବି ତାଙ୍କୁ ଏବେ ଅସନ୍ତୋଷ ଗୋଷ୍ଠୀରେ ବେଶୀ ଦେଖିବାକୁ ମିଳୁଛି । କଟକ ବିଜେଡ଼ିରେ ଏବେ ସବୁ କିଛି ଠିକ୍ ଚାଲିନାହିଁ । ଦେବାଶିଷ ସାମନ୍ତରାୟ ମଧ୍ୟ ଫାର୍ମହାଉସରେ ଭୋଜି କରି ଅସନ୍ତୋଷ ଝାଡ଼ିବା ସହ ଯୁବ ଓ ଛାତ୍ର ଟିମ୍‌କୁ ନେଇ ବର୍ଷିଛନ୍ତି।

ଏବେ ଦେବୀଙ୍କ 'ଏକତା'କୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଗୋଟିଏ ପଟେ ଦେବୀ ପ୍ରସାଦ ମିଶ୍ର କଟକ ଜିଲ୍ଲା ବିଜେଡ଼ି ଅଫିସରେ ଦଳକୁ ଏକଜୁଟ୍ ହେବା ପାଇଁ ବାର୍ତ୍ତା ଦେଉଥିବାବେଳେ, ସେପଟେ ଦେବୀଙ୍କ ନେତୃତ୍ୱରେ ଯୁବ ଛାତ୍ର ନେତାମାନେ ସର୍କିଟ୍ ହାଉସରେ ମେଳି ବାନ୍ଧିଥିଲେ । ଏହାକୁ ଏକ ସାମାଜିକ ସଂଗଠନ ବୋଲି କୁହାଯାଉଥିଲେବି ଏଥିରେ ରାଜନୀତିକ ବାସ୍ନା ବାରି ହୋଇଯାଉଛି । ବିଜୁ ଯୁବ ଜନତା ଓ ଛାତ୍ର ଜନତାର ଅନେକ ନେତା ଏକାଠି ହୋଇଥିବାରୁ ଏମିତି ଚର୍ଚ୍ଚା ହେବା ସ୍ୱାଭାବିକ।

ଦେବୀ ମଧ୍ୟ ଅନେକ କାରଣରୁ ଅସନ୍ତୁଷ୍ଟ ରହି ଆସିଛନ୍ତି। ପାଣ୍ଡିଆନଙ୍କ ବିରୋଧରେ ପ୍ରଭାତ ତ୍ରିପାଠୀ ଅସନ୍ତୋଷ ଝାଡ଼ିବା ପରେ ବିଜେଡ଼ିର କିଛି ନେତା ପ୍ରଭାତଙ୍କ ବିରୋଧରେ ଟୀକା ଟିପ୍ପଣୀ ଦେଇଥିଲେ। ସେହି ସମୟରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ଯୁବ ଓ ଛାତ୍ର ନେତାମାନଙ୍କୁ ଏକାଠି କରି ସେ ବିଚାର ବିମର୍ଷ ଚଳାଇ ଆସିଥିଲେ। ଆଗକୁ ଦେବୀଙ୍କ ଏକତା ଦଳକୁ ମଜବୁତ୍ କରିବ ନା ଫାଟ ବଢ଼ାଇବ ତାହାକୁ ନେଇ ଚର୍ଚ୍ଚା ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି ।

## ମୋକିମ୍‌ଙ୍କ 'ଲୋକ କଂଗ୍ରେସ'



ଜାନୁଆରୀ ୧୨ରେ ତ ମହମ୍ମଦ ମୋକିମ୍ ଶକ୍ତି ପ୍ରଦର୍ଶନ କରିବେ। ଯୁବକମାନଙ୍କୁ ନେଇ ଏକ ସମାବେଶ କରିବେ। କିଏ ଆସିବେ, କେତେ ଆସିବେ ତାହାର ତ ହିସାବ ନିକାଶ ହେବ। କେଉଁ କେଉଁ କଂଗ୍ରେସ ନେତା ମୋକିମଙ୍କ ସହ ହାତ ମିଳାଇଛନ୍ତି ତାହା ବି ସେଦିନ ଜଣାପଡ଼ିବ। ତାଙ୍କ ଶକ୍ତି ପ୍ରଦର୍ଶନ କଟକ ଓ ଭୁବନେଶ୍ୱରର ଯୁବଛାତ୍ରମାନଙ୍କୁ ନେଇ ହେଉଛି ନା ଆଉ କେଉଁ ଅଞ୍ଚଳରୁ ଆସୁଛନ୍ତି ତାହା ଉପରେ ମୋକିମଙ୍କ ନୂଆ ଦଳର ଭବିଷ୍ୟତ ଓ ପତିଆରା ନିର୍ଭର କରିବ। ଏସବୁ ଭିତରେ ଆଉ ଏକ ସୂଚନା ମିଳିଛି । ମାର୍ଚ୍ଚ ସୁଦ୍ଧା ମୋକିମ୍ ନୂଆ ଦଳଗଢ଼ିବେ। ଯାହାର ନାମ ରହିବ 'ଲୋକ କଂଗ୍ରେସ'। କିଛି ଗଣମାଧ୍ୟମରେ ବି ଏମିତି ଖବର ପ୍ରକାଶ ପାଇଛି। ଯଦି ସେମିତି ହୁଏ ତେବେ ଏହି ନାଁଟି କହିଦେଉଛି ଦଳ ଆଗକୁ ବଢ଼ିବ ନାହିଁ। ନୂଆ ଆଞ୍ଚଳିକ ଦଳଟିଏ ଗଢ଼ାହେଲେ ବିଭିନ୍ନ ଦଳର ଅସନ୍ତୁଷ୍ଟ ନେତାମାନେ ଯୋଗଦେବା ସ୍ୱାଭାବିକ। ହେଲେ କଂଗ୍ରେସର ନାଁ ରଖିଲେ କେଉଁ ଅଣକଂଗ୍ରେସ ଲୋକ ଯୋଗଦେବ ? ଅନ୍ୟ ଦଳରୁ ବଡ଼ ନେତାମାନେ କେମିତି ଆସିବେ ? ଯଦି ମୋକିମ୍ ସତରେ ଏକ ସଶକ୍ତ ଆଞ୍ଚଳିକ ଦଳର ସ୍ୱପ୍ନ ଦେଖୁଛନ୍ତି ତେବେ ଦଳର ନାଁଟା ବି ସେଭଳି ହେବା ଦରକାର । ଯଦି କଂଗ୍ରେସ ମୋକିମଙ୍କୁ ତଡ଼ିଦେଇଛି ତାହେଲେ ସେ ବି ନିଜ ଦଳ ନାଁରୁ କଂଗ୍ରେସକୁ ହଟାଇଦେବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଅବଶ୍ୟ ଏକଥାବି ମୋକିମଙ୍କ କାନରେ ବାଜିବଣି। ନୂଆ ଦଳ ପାଇଁ ତ ଆବେଦନ ହୋଇନି କି ଖସଡ଼ା ବି ପ୍ରସ୍ତୁତ ହୋଇନି। ମୋକିମଙ୍କ ନୂଆ ଦଳକୁ ନେଇ ରାଜ୍ୟ ରାଜନୀତିରେ ବି ସେମିତି ଆଲୋଡ଼ନ ସୃଷ୍ଟି ହେଉନାହିଁ। ବରଂ କଂଗ୍ରେସ ଅଳିନ୍ଦ ଭିତରେ ହିଁ ତାହା ସୀମିତ ରହିଛି।

ଗର୍ବିତ ଓଡ଼ିଆ

# ଖୋର୍ଦ୍ଧା ରାଜନୀତି

# ଗଣେଶ-ଲୁଲୁ କଳି

ଖୋର୍ଦ୍ଧା ବିଜେପି କଳି ଏବେ ବିଜେପି ଅଳିନ୍ଦରେ ଆଲୋଡ଼ନ ସୃଷ୍ଟିକରିଛି । ଅପରାଜିତାଙ୍କ ବାଁ ହାତ ଓ ଡାହାଣ ହାତ ସାଜିଥିବା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଏବେ ବିସ୍ଫୋରକ ରୂପ ନେଇଛି ।

ଜିଲ୍ଲାରେ ଉଭୟ ଲୁଲୁ ଓ ଗଣେଶ ପତିଆରା ବିସ୍ତାର କରିବାକୁ ରଣନୀତି କରୁଛନ୍ତି । ଜିଲ୍ଲା ସଭାପତି ଭାବେ ଲୁଲୁ ପାୱାରଫୁଲ ହେବା ସ୍ୱାଭାବିକ । କିନ୍ତୁ ବେଗୁନିଆ, ଚିଲିକା ଓ ଖୋର୍ଦ୍ଧାରୁ ବାଜିମାତ୍ କରିଥିବା ଗଣେଶ ବି ତାଙ୍କଠୁ ପାୱାରଫୁଲ୍ । ଏମିତିବି ସାଂସଦ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ସହ ବେଗୁନିଆ ଦାୟିତ୍ୱ ବି ଗଣେଶଙ୍କୁ ଦେଇଛନ୍ତି । ଏବେ ଏବେ ଖୋର୍ଦ୍ଧା ଜିଲ୍ଲା ବିଜେପିର ନୂଆ ଟିମ୍ ଗଢ଼ାହୋଇଛି । ଲୁଲୁଙ୍କ ଏହି ଟିମ୍‌ରେ ଅନେକ ଆମଦାନୀ ନେତା ରହିଥିବାରୁ ପୁରୁଣା କାର୍ଯ୍ୟକର୍ତ୍ତାମାନେ ରୋଷ ପ୍ରକାଶ କରିଛନ୍ତି । ତଥାପିବି ଗଣେଶଙ୍କର ଅନେକ ସମର୍ଥକଙ୍କୁ ଟିମରେ ଦେଖିବାକୁ ମିଳୁଛି । ଏବେ ମୋର୍ଚ୍ଚା ଉପରେ ସମସ୍ତଙ୍କ ଲୋଭ ।

ଦଳରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ, ନିଜ ଅନୁଗତଙ୍କୁ ଯୁବମୋର୍ଚ୍ଚା ସଭାପତି କରିବା ପାଇଁ ଗଣେଶ ଚାହୁଁଛନ୍ତି । ସେପଟେ ବିଶ୍ୱ ଅନ୍ୟ ଜଣେ ବିତ୍ତଶାଳୀ ଯୁବନେତାଙ୍କୁ କଥା ଦେଇ ଦେଇଛନ୍ତି । କେହିକେହି ମାଲପାଣି କାରବାର ନେଇ ଚର୍ଚ୍ଚା କରୁଥିଲେବି, ଯାହା ନଦେଖିବୁ ବେନି ନୟନେ, ପରତେ ନଯିବୁ ଗୁରୁବଚନେ ନ୍ୟାୟରେ ଆମେ ତାହାକୁ ବିଶ୍ୱାସ କରିପାରୁନାହୁଁ । ବିଜେପିର ବ୍ୟବସ୍ଥା ଅନୁଯାୟୀ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଚୟନ ବେଳେ ଜିଲ୍ଲା ସଭାପତିଙ୍କ ପ୍ରସ୍ତାବକୁ ହିଁ ଅଗ୍ରାଧିକାର ଦିଆଯିବ । ଯେଉଁଥିପାଇଁ ଲୁଲୁ-ଗଣେଶ ମୁହାଁମୁହିଁ ଅବସ୍ଥାକୁ ଆସିଯାଇଛନ୍ତି ।



ନିକଟରେ ସାଂସଦ ମ୍ୟାଡ଼ାମଙ୍କ କାର୍ଯ୍ୟାଳୟରେ ଖୋର୍ଦ୍ଧା ଜିଲ୍ଲାର ସଂଗଠନ, ସାଂସଦ ପାଣ୍ଠି ଆବଣ୍ଟନ ଆଦି ସଂକ୍ରାନ୍ତରେ ଆଲୋଚନା ପାଇଁ ନେତା ଓ କାର୍ଯ୍ୟକର୍ତ୍ତାମାନେ ଠୁଳ ହୋଇଥିଲେ । ଚର୍ଚ୍ଚା ଅନୁଯାୟୀ, ସେହି ବୈଠକରେ ବିଶ୍ୱ କିଛି କହୁଥିବାବେଳେ ଗଣେଶ ତାଙ୍କର ମାଇକ୍ ଭିଡ଼ି ନେଇଥିଲେ । ଏମିତିକି ସାଂସଦଙ୍କ ଆଗରେ ଉଭୟ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଯୁବମୋର୍ଚ୍ଚା ସଭାପତି ପଦକୁ ନେଇ ଉଭୟ କଥା କଟାକଟି ହେବାରୁ, ପରେ ଏନେଇ ଆଲୋଚନା କରିବା ବୋଲି ଅପରାଜିତା କହିଥିଲେ । କିନ୍ତୁ ଗଣେଶ ଶୁଣିନଥିଲେ । ଆମ କଥା ଯଦି ରହୁନି, ଆମେ ପଳାଉଛୁ ବୋଲି ଗଣେଶ କହିବାରୁ ଅପରାଜିତା କହିଥିଲେ ତୁମ ଇଚ୍ଛା । ପରେ ମାଇକ କଚାଡ଼ି ଗଣେଶ ସେଠାରୁ ପଳାଇ ଆସିଥିଲେ । ଅନେକ କାର୍ଯ୍ୟକର୍ତ୍ତା ଆମ ପ୍ରତିନିଧିଙ୍କୁ ଏବିଷୟ ନେଇ ଅବଗତ କରାଇଛନ୍ତି । ଉଭୟ ନେତାଙ୍କ ମତାମତ ନେବାକୁ ଆମେ ଚେଷ୍ଟା କରିଥିଲେବି ସମ୍ଭବପର ହୋଇନଥିଲା ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# 'ଯୁବମୋର୍ଚ୍ଚା' ପାଇଁ କନ୍ଦଳ

ଖୋର୍ଦ୍ଧା ଜିଲ୍ଲାର ପ୍ରତି କାର୍ଯ୍ୟକ୍ରମରେ ଅପରାଜିତା, ଲୁଲୁ ଓ ଗଣେଶଙ୍କୁ ହମ ସାଥ ସାଥ ହେି ଭଳି ଦେଖିବାକୁ ମିଳିଥିଲା । ଗଣେଶ ଖୋର୍ଦ୍ଧା ଜଗିଥିବାବେଳେ ଲୁଲୁ ଜଟଣୀ ଜଗିଛନ୍ତି । ଏମାନଙ୍କ ଭିତରେ କଳି ହେବବୋଲି କେହି କେବେ ଭାବିଥିଲେ । ହେଲେ ଯୁବମୋର୍ଚ୍ଚା ସଭାପତି ପଦକୁ ନେଇ ଲୁଲୁ-ଗଣେଶ କଳି ଆରମ୍ଭ ହୋଇଥିଲା । ଗଣେଶ ଚାହୁଁଥିଲେ ତାଙ୍କର ଅନୁଗତ ବିଶ୍ୱଜିତ୍ ପ୍ରଧାନ ଯୁବମୋର୍ଚ୍ଚାର ସଭାପତି ହୁଅନ୍ତି । ବିଶ୍ୱ ପୂର୍ବରୁ ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳର ସଭାପତି ଥିଲେ । ଗଣେଶଙ୍କ ସହ ସେ ବି ବିଜେପିକୁ ଡିଆଁ ମାରିଛନ୍ତି । ମାତ୍ର ଦି ବର୍ଷ ହେଲା ସେ ଦଳକୁ ଆସିଥିବାରୁ ତାଙ୍କୁ ଯୁବମୋର୍ଚ୍ଚା ସଭାପତି କରିବାକୁ ଲୁଲୁ କୁନ୍ତୁକୁନ୍ତୁ ହେବା ସ୍ୱାଭାବିକ । ସେହିପରି ଲୁଲୁ ପୂର୍ବରୁ ଯୁବମୋର୍ଚ୍ଚାର ଜିଲ୍ଲା ମଙ୍ଗ ଧରିଥିଲେ । ତେଣୁ ସେ ଚାହୁଁଛନ୍ତି ତାଙ୍କ ଅନୁଗତ ହିଁ ଯୁବମୋର୍ଚ୍ଚା ସଭାପତି ହୁଅନ୍ତୁ । କୌଣସି ପରିସ୍ଥିତିରେ ଲୁଲୁ ଯୁବମୋର୍ଚ୍ଚା ସଭାପତି ପଦବୀଟି ଅନ୍ୟ ହାତରେ ଟେକି ଦେବାକୁ ଚାହୁଁନାହାନ୍ତି । ତାଙ୍କ କହିବା କଥା ଓବିସି ମୋର୍ଚ୍ଚା, ମହିଳା ମୋର୍ଚ୍ଚା କି ଅନ୍ୟ ମୋର୍ଚ୍ଚା ଯେଉଁ ନେତାଙ୍କ ଅନୁଗତ ନେବା କଥା ନିଅନ୍ତୁ । କିନ୍ତୁ ଯୁବମୋର୍ଚ୍ଚାର କେହି ଆଖି ପକାନ୍ତୁନାହିଁ । ଅପରପକ୍ଷରେ ଗଣେଶଙ୍କ ଜିଦ୍, ସେ ଖୋର୍ଦ୍ଧା ହେଡ଼କ୍ୱାର୍ଟରର ବିଧାୟକ । ଖୋର୍ଦ୍ଧା ସହ ବେଗୁନିଆ ବି ସମ୍ଭାଳୁଛନ୍ତି । ତେଣୁ ତାଙ୍କ ଅନୁଗତ ହିଁ ଯୁବମୋର୍ଚ୍ଚା ସଭାପତି ହୁଅନ୍ତୁ । ଅବଶ୍ୟ



ରାଜ୍ୟ ବିଜେପିରେ ଲୁଲୁଙ୍କ କଥା ରହିବା ନିଶ୍ଚିତ । ଏମିତିବି ଅପରାଜିତା ବି ଚାହୁଁଛନ୍ତି ଲୁଲୁଙ୍କ ହାତରେ ଯୁବମୋର୍ଚ୍ଚା ଦାୟିତ୍ୱ ରହୁ । ଯେଉଁଥିପାଇଁ ଗଣେଶ ରାଗିପାଚି ଖପ୍ପା । ଜଟଣୀର ଏକ ସ୍କୁଲ ଉତ୍ସବରେ ଗଣେଶ ଓ ବିଭୂତି ସାଙ୍ଗ ହୋଇ ଯାଇଥିବାବେଳେ ସେହି ଉତ୍ସବରେ ଅପରାଜିତାଙ୍କ ସହ ଲୁଲୁ ଉପସ୍ଥିତ ରହିଥିଲେ । ଏବେ ଅପରାଜିତା ବିଦେଶ ଗସ୍ତରେ ଥିବାବେଳେ ଗଣେଶ ଏମାନଙ୍କ ଟିମକୁ ଆସୁଛନ୍ତି, ନା ଏକା ଏକା ଦମ୍ ଦେଖାଉଛନ୍ତି ତାହା ଉପରେ ନଜର ରହିବା ସ୍ୱାଭାବିକ ।

# ଲତିକା ମ୍ୟାଡ଼ାମ୍...

# ନବୀନ, ମାନସ ତ ଦାୟୀ, ଆଉ ଆପଣ ?

ବିଜେଡ଼ିର କିଛି ହାରୁ ନେତା ଏବେ ନିଜର ଭୁଲ୍ ନସୁଧାରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଅନ୍ୟ ନେତାଙ୍କ ଉପରେ ଦୋଷ ଲଦିବାରେ ହେଳା କରୁନାହାନ୍ତି । ଏଇ ନିକଟରେ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ ନିଜର ତଥା ଗଞ୍ଜାମରେ ଦଳର ପରାଜୟ ପାଇଁ ନବୀନ ପଟ୍ଟନାୟକ ଓ ସେତେବେଳେ ପ୍ରଭାରୀ ଥିବା ମାନସ ମଙ୍ଗରାଜଙ୍କ ଉପରେ ଦୋଷ ଲଦିଛନ୍ତି । ନିର୍ଦ୍ଦିଷ୍ଟ ଗଣମାଧ୍ୟମ ବି ଲତିକାଙ୍କ ବିସ୍ଫୋରଣ କଥା କହି ରୋଚକ ଖବର ପରିବେଷଣ କରୁଛନ୍ତି । ହେଲେ କେହି ପଚାରୁନାହାନ୍ତି, ଆପଣଙ୍କର କ'ଣ ତ୍ରୁଟି ନଥିଲା କି ? ଆମେ କିନ୍ତୁ ପଚାରିବୁ, ପୁଣି ତଥ୍ୟ ସହ ।

୨୦୧୯ରେ ଲତିକା ପ୍ରଥମ ଥର ପାଇଁ କବିସୂର୍ଯ୍ୟନଗରରୁ ବିଜେଡ଼ି ଟିକେଟରେ ଲଢ଼ିଲେ । ଏହାଥିଲା ଗଞ୍ଜାମର ଲୋକପ୍ରିୟ ନେତ୍ରୀ ଭି. ସୁଙ୍କାନ କୁମାର ଦେଓଙ୍କ ଗଡ଼ । ନିର୍ବାଚନରେ ଲତିକା ପାଇଥିଲେ ୯୨୩୪୭ ଖଣ୍ଡ ଭୋଟ୍ । ମୋଟ୍ ଭୋଟର ୬୩% ତାଙ୍କ ଖାତାକୁ ଯାଇଥିଲା । ବିଜେପି ପ୍ରାର୍ଥୀ ରଞ୍ଜନ ପଲାଇଙ୍କୁ ୪୩ ହଜାର ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଅତଏବ ୫୦ ହଜାର ଭୋଟରେ ଲତିକା ଏକ ବଡ଼ ବିଜୟ ହାସଲ କରିଥିଲେ ।

୨୦୨୪ରେ କବିସୂର୍ଯ୍ୟନଗରରେ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକଙ୍କୁ ମିଳିଥିଲା ୮୦୯୯୫ ଭୋଟ୍ । ଯେତେବେଳେକି ଲତିକା ପାଇଥିଲେ ୫୦୮୨୨ ଖଣ୍ଡ ଭୋଟ୍ । ପୂର୍ବ ନିର୍ବାଚନ ଠାରୁ ସେ ୪୨ ହଜାର କମ୍ ଭୋଟ ପାଇଥିଲେ । ଭୋଟ୍ ପ୍ରତିଶତ ଦେଖିଲେ ୨୭% କମ୍ ଭୋଟ୍ ମିଳିଥିଲା ।

୨୦୧୯ରେ ୫୦ ହଜାର ଭୋଟରେ ଜିତିଥିବା ନେତ୍ରୀ ୨୦୨୪ରେ ୩୦ ହଜାର ଭୋଟରେ ହାରୁଛନ୍ତି ମାନେ ସେଥିପାଇଁ କେବଳ ସେ ହିଁ ଦାୟୀ । ଏଥିପାଇଁ ନା ଦଳର ସୁପ୍ରିମୋ ଦାୟୀ ନା ପ୍ରଭାରୀ ମାନସ ମଙ୍ଗରାଜ ଦାୟୀ । ହଁ, ନବୀନ କିମ୍ବା ମାନସଙ୍କର ଯଦି ପରିଚାଳନାଗତ ତ୍ରୁଟି ଥିବ ତେବେ ପାଞ୍ଚ ଦଶ ହଜାର ଭୋଟ୍ କମିଯାଇଥା'ନ୍ତା । ଏତେ ଭୋଟ୍ କମିଲା ମାନେ ଲତିକାଙ୍କର ସାଂଗଠନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ରହିବା ସ୍ୱାଭାବିକ । ବରଂ ଲତିକାଙ୍କୁ ଟିକେଟ୍ ଦେବା ବିଜେଡ଼ିର ଏକ ଭୁଲ୍ ନିଷ୍ପତ୍ତି ଥିଲା କହିଲେ ଭୁଲ୍ ହେବକି ?

ହଁ, ଆଉ ଏକ ତଥ୍ୟ ଦେବାର ଆବଶ୍ୟକତା ଅନୁଭବ କରୁଛୁ । ୨୦୨୪ରେ ବିଜେଡ଼ିର ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ ସେଠାରୁ ୫୯୦୪୭ ଭୋଟ୍ ପାଇଥିଲେ । ଯାହାକି ଲତିକାଙ୍କ ଠାରୁ ୯ ହଜାର ଅଧିକ । ସେହିପରି ବିଜେପିର ସାଂସଦ ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ୭୪୪୪୦ ଭୋଟ୍ ପାଇଥିବାବେଳେ ବିଜେପି ବିଧାୟକ ପ୍ରାର୍ଥୀ ୮୦୯୯୫ ଖଣ୍ଡ ଭୋଟ୍ ପାଇଛନ୍ତି । ଲତିକା ନିଜର ତ୍ରୁଟିକୁ ବୁଝି ସଂଗଠନକୁ ମଜବୁତ୍ କରିବାରେ ଅସୁବିଧା କ'ଣ ରହିଛି ? ସମ୍ପ୍ରତି ଗଞ୍ଜାମରେ ପୂର୍ବାପେକ୍ଷା ବିଜେପିର ଲୋକପ୍ରିୟତା ହ୍ରାସ ପାଇଛି । ଏହି ସୁଯୋଗର ଲାଭ ନେବାକୁ ଲତିକା କ'ଣ ରଣନୀତି କରୁଛନ୍ତି ତାହା ଉପରେ ହିଁ ତାଙ୍କ ରାଜନୀତିକ ଭବିଷ୍ୟତ ବା କ୍ୟାରିୟର ନିର୍ଭର କରେ ।



ଗଞ୍ଜାମ ଜିଲ୍ଲାର ଏକ ରାଜନୈତିକ ପରିବାରରୁ ଆସିଛନ୍ତି ଲତିକା ପ୍ରଧାନ । ତାଙ୍କ ବାପା ନିତ୍ୟାନନ୍ଦ ପ୍ରଧାନ କବିସୂର୍ଯ୍ୟନଗରରୁ ଦୁଇଥର ବିଧାୟକ ଥିଲେ । ସିପିଆଇ ନେତା ଭାବେ ତାଙ୍କର ସୁଖ୍ୟାତି ରହିଥିଲା । ପରେ ସେ ବିଜେଡ଼ିରେ ଯୋଗଦେବା ସହ ଆସ୍କାରୁ ସାଂସଦ ବି ହୋଇଥିଲେ । ୨୦୧୪ରେ ଲତିକାଙ୍କୁ କବିସୂର୍ଯ୍ୟନଗରରୁ ଟିକେଟ୍ ମିଳିଥିଲା । ହେଲେ ଭି. ସୁଙ୍କାନୀ କୁମାରୀ ଦେଓ ଶେଷ ମୁହୂର୍ତ୍ତରେ ଟିକେଟ ନେଇ ଯାଇଥିଲେ । ୨୦୧୯ରେ ଲତିକା ବିଜେଡ଼ି ଟିକେଟରେ ପ୍ରଥମ ଥର ପାଇଁ ବିଧାୟିକା ହୋଇଥିଲେ । ପୂର୍ବରୁ ଅର୍ଥାତ୍ ୧୯୯୭ରେ ସେ ଶେରଗଡ଼ ବ୍ଲକର ଅଧ୍ୟକ୍ଷ ହୋଇଥିବାବେଳେ ୨୦୦୩ରେ ଜିଲ୍ଲା ପରିଷଦ ସଭ୍ୟ ମଧ୍ୟ ଥିଲେ ।

## କ'ଣ କହିଛନ୍ତି ଲତିକା ?

- ନିରନ୍ତର ଭାବେ ଗଞ୍ଜାମ ଜିଲ୍ଲା ନେତାଙ୍କୁ ଦାୟିତ୍ୱ ନଦେବା ଫଳରେ ଦଳର ସଂଗଠନ ଅତି ଦୁର୍ବଳ ହୋଇପଡିଛି ।
- ଦଳର ମୁରବୀଙ୍କ ଜିଲ୍ଲା ଗଞ୍ଜାମ ହୋଇଥିଲେବି ସେ ଜିଲ୍ଲା ପାଇଁ ସମୟ ଦେଉନାହାନ୍ତି । ଗଞ୍ଜାମ ନେତାଙ୍କୁ ଡାକି ଆଲୋଚନା କରାଯାଉ ।
- ଶଙ୍ଖ ଭବନରେ ବସୁଥିବା ଲୋକେ ପାତରଅନ୍ତର କରୁଛନ୍ତି କି କିଏ, ସେ ଜାଣିନାହାନ୍ତି ।
- ବିଜେଡ଼ିର କୋର୍ ଟିମ୍‌ର ଅଧିକାର କ'ଣ ମୁଁ କିଛି ଜାଣିନି । କୋର୍ ଟିମ୍ କେଉଁ ସମସ୍ୟାର ସମାଧାନ କରି ଦେଇଛନ୍ତି, ତାହା ମୁଁ ଜାଣିନି ।
- ଦଳ ଯାହାକୁ ଦାୟିତ୍ୱ ଦେଇଥିଲା, ସେ କ'ଣ କରୁଥିଲେ? ସେ କ'ଣ ସ୍ଥିତି ଅନୁଧ୍ୟାନ କରୁଥିଲେ? ସେ କାମ ନ କରି କେଉଁଠି ଥିଲେ? ସେ ପିକ୍‌ନିକ୍ କରୁଥିଲେ ନା ନିର୍ବାଚନରେ ଆମକୁ ସହଯୋଗ କରୁଥିଲେ ।
- ହାରିବା ପରେ ସଂଗଠନକୁ ଆମେ ଯେତିକି ଗୁରୁତ୍ୱ ଦେବା କଥା, ତାହା କରାଯାଇନାହିଁ । ଯେଉଁ ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ସ୍ୱରକୁ ଚପାଇ ନଦିଆଯାଉ । ତାଙ୍କ ମତାମତକୁ ଶୁଣି ସମାଧାନର ବାଟ ବାହାର କରାଯାଉ ।

ଗର୍ବିତ ଓଡ଼ିଆ WEEKLY GARVIT ODIA

ଗର୍ବିତ ଓଡ଼ିଆ




# 'ଦେବଦୁର୍ଲଭ' ବନାମ 'ଦେବଦୁର୍ଲଭ ପ୍ରୋ'

ଆଜ୍ଞା ବିଜେପିରେ ଏବେ ଯାହାକୁ ଦେଖିବୁ ସମସ୍ତେ ଜଣେ ଜଣେ ଦେବଦୁର୍ଲଭ। ଆମେ ଏକଥା କହୁନୁ ମ। ଦଳର ଯଶସ୍ୱୀ ନେତାମାନେ କାର୍ଯ୍ୟକର୍ତ୍ତାମାନଙ୍କୁ ଏମିତି ହିଁ ସମ୍ବୋଧିତ କରୁଛନ୍ତି। ଅବଶ୍ୟ ସମ୍ଭାଷଣ ଓ ଶବ୍ଦ ବିନ୍ୟାସରେ ବିଜେପିର ଯଶସ୍ୱୀ ନେତାମାନଙ୍କୁ କେହି ପାରିବେନି। ଶବ୍ଦକୋଷ ଖୋଜିଖୋଜି ସେମାନେ ଶବ୍ଦ ପ୍ରୟୋଗ କରିବାରେ ପୂରା ମାହିର। ଅବଶ୍ୟ ଦେବଦୁର୍ଲଭମାନେ ଉପରକୁ ସିନା ଖୁସି ଜଣାପଡୁଛନ୍ତି, ହେଲେ ମଞ୍ଜୀ କିନ୍ତୁ ଦରଜ ଅଛି । ଊଣେଇଶ ମାସ ପରେ ବି ଦେବଦୁର୍ଲଭ ଯେଉଁ ତିମିରେକୁ ସେଇ ତିମିରେ। ନାଁ ତାଙ୍କ କଥା ବ୍ଲକରେ ରହୁଛି ନା ଜିଲ୍ଲାରେ କିଏ ଶୁଣୁଛି। ଆଉ ଥୋକେ ନିଗମ ଆଶାରେ ବିଜେପିର ଯଶସ୍ୱୀମାନଙ୍କ ଏକଡ଼େ ସେକଡ଼େ ନୁଙ୍ଗୁପୁଙ୍ଗୁ ହେଉଥିଲେ। ସ୍ୱୟଂସେବକ ଭାବେ ଓ କାର୍ଯ୍ୟକର୍ତ୍ତା ଭାବେ ସେମାନେ କି କି ସଂଘର୍ଷ କରୁଛନ୍ତି ତା'ର ଏକ ବାୟୋଡାଟା ଧରି ବୁଲୁଥିଲେ। କିଏ ପାର୍ଟି ଅଫିସ୍ ଆଗରେ ଚକ୍କର କାଟି ମନମୋହନଙ୍କୁ ମୁହଁ ଦେଖାଉଥିଲେ ତ ଆଉ କିଏ ମନ୍ତ୍ରୀଙ୍କ ପୋର୍ଟିକୋ ତଳେ ଏପଟସେପଟ ହେଉଥିଲେ। ବୁଲିବୁଲି ଗୋଡ଼ହାତ ଘୋଳବିନ୍ଧା ହେବାପରେ ଦଳେ ଆଶା ଛାଡ଼ି ସାରିଲେଣି। ଏମିତିବି ଆଗରୁ ଯେଉଁମାନେ ମୋତେ ଦିଅ, ମୋତେ ଦିଅ ବୋଲି ହେଣ୍ଟାଳ ଛାଡୁଥିଲେ ଏବେ କହୁଛନ୍ତି, ଯାହାକୁ ଦେଉଛ ଦିଅ, ହେଲେ ତୁରନ୍ତ ଦିଅ। ନିଗମ ଚିନ୍ତାରେ କେତେକ ନେତାଙ୍କ ବିପି ଡୋଜ୍ ବଢ଼ି ଯାଇଥିବା ଶୁଣିବାକୁ ମିଳୁଛି ।

ଏବେ ଟିକେ ଶୀର୍ଷକକୁ ଆସିବା। ବିଜେପିରେ ଏବେ ଦେବଦୁର୍ଲଭ ବନାମ ଦେବଦୁର୍ଲଭ ପ୍ରୋଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଯାଇଛି। ୨୦୦୯ରୁ ଯେଉଁ ନେତା କି କାର୍ଯ୍ୟକର୍ତ୍ତାମାନେ ପଦ୍ମ ପାଇଁ ଲଢ଼େଇ କରି ଆସୁଥିଲେ ସେମାନେ ହେଉଛନ୍ତି ଦେବଦୁର୍ଲଭ। ସେମାନଙ୍କ ଛାତି ଚିରିଦେଲେ ପଦ୍ମ ପାଖୁଡ଼ା ଖସିପଡ଼ିବ। ହେଲେ ସେମାନଙ୍କ ଠାରୁ ଆଉ ଯେଉଁ ଗୋଷ୍ଠୀଟି ପାୱାରଫୁଲ୍ ସେମାନଙ୍କୁ କୁହାଯାଉଛି ଦେବଦୁର୍ଲଭ ପ୍ରୋ। ଏମାନଙ୍କ ଭିତରୁ କେତେକ ଗଲା ଇଲେକ୍ସନ ବେଳେ ବିଜେଡ଼ି ନେତାଙ୍କ ଠାରୁ ବେକିଆ କି ତଣ୍ଟିଆ ଖାଇ ବିଜେପିକୁ ଆସିଛନ୍ତି ତ ଆଉ କେତେକ ଚବିଶରେ ବିଜେଡ଼ି ହାତରୁ କ୍ଷମତା ଯିବା ପରେ ସେଟିଂ କରି ପଦ୍ମଫୁଲ ପୋଖରୀରେ ବୁଡ଼କି ମାରିଛନ୍ତି। ସେମାନଙ୍କ ଭିତରୁ ଅନେକଙ୍କ ଛାତି ଚିରିଦେଲେ ଶଙ୍ଖ ଗଳି ପଡ଼ିବ। ହେଲେ ବିଜେପି ପାଇଁ ସେମାନେ ଏବେ ଗେହ୍ଲା ପୁଅ। ଦଳ ସିନା ଜିତିଯାଇଛି ହେଲେ ବିଜେପିର କ୍ୟାଡ଼ର କିନ୍ତୁ ସେତେ ଶକ୍ତିଶାଳୀ ନୁହଁନ୍ତି। ଅବଶ୍ୟ ଗାଲୁଭୁରୁଡ଼ି ମାରି କିଛି ନେତା ଫୁଟାଣି ମାରିପାରନ୍ତି ହେଲେ ବାସ୍ତବତା ହିଁ ସେଇଆ। ସେଇଥିପାଇଁ ଶଙ୍ଖୁଆରୁ ପଦ୍ମଫୁଲିଆକୁ ରୂପାନ୍ତରିତ ହୋଇଥିବା କାର୍ଯ୍ୟକର୍ତ୍ତାମାନେ ଏବେ ଦେବଦୁର୍ଲଭ ପ୍ରୋ'ର ମାନ୍ୟତା ପାଇଛନ୍ତି। ସେମାନଙ୍କୁ ହିଁ ଜିଲ୍ଲା ଆଉ ମଣ୍ଡଳରେ ପଦପଦବୀ ମିଳୁଛି। ଖାଲି ବିଜେପି କ୍ଷମତାରେ ଥିବାରୁ ଦେବଦୁର୍ଲଭମାନେ ଗାଲମୁଣ୍ଡା ଆଉଁସି ଚୁପ୍ ରହୁଛନ୍ତି। ଏବେ ଦେବଦୁର୍ଲଭ ଓ ଦେବଦୁର୍ଲଭ ପ୍ରୋଙ୍କ ଭିତରେ ଆରମ୍ଭ ହୋଇଯାଇଛି ଶୀତଳଯୁଦ୍ଧ। ପଞ୍ଚାୟତ କି ପୌର ନିର୍ବାଚନ ବେଳକୁ ପଦ୍ମପୋଖରୀ ହୁଡ଼ାରେ ଦିଗୋଷ୍ଠୀ ମୁହାଁମୁହିଁ ହେବା ଥୟ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH